### ମାତୃଭାଷା ଓଡ଼ିଆ ସହ ଆଜିଠୁ ମାଟ୍ରିକ ପରୀକ୍ଷା

# ଜିଲ୍ଲାର ୮୧ ପରୀକ୍ଷା କେନ୍ଦ୍ରରେ ହେବ ଲାଇଭ୍ ଷ୍ଟ୍ରିମିଂ ଓ ମନିଟରିଂ

**ସମ୍ବଲପୁର, ୧୮।୨ (ସମିସ)**

ମାତୃଭାଷା ଓଡ଼ିଆ ସହ ଆସନ୍ତାକାଲି(ଗୁରୁବାର) ଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ସମ୍ବଲପୁର ଜିଲ୍ଲାର ୨୧୩ଟି ହାଇସ୍କୁଲର ୧୧ ହଜାର ୫୬୦ ଜଣ ରେଗୁଲାର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଚଳିତବର୍ଷ ରେଗୁଲାର ୧୧୫୬୦ ଜଣ, ଏକ୍ସ-ରେଗୁଲାର ୩୦ ଜଣ, ମଧ୍ୟମା ୩୦ ଜଣ, ସିସି ୩୧ ଜଣ ଓ ସିସି (ଏକ୍ସ) ୭ ଜଣ, ଏବଂ ଏସଓଏସସି ୧୫୮ ଜଣ ଓ ଏସଓଏସସି (ଏକ୍ସ) ୪୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଜିଲ୍ଲାର ସମସ୍ତ ୮୧ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବାସହ ଲାଇଭ୍ ଷ୍ଟ୍ରିମିଂ ହେବ, ମାଧ୍ୟମିକ ଶିକ୍ଷା ବୋର୍ଡ, କଟକ କାର୍ଯ୍ୟାଳୟରୁ ଏହାକୁ ସିଧାସଳଖ ମନିଟରିଂ କରାଯିବ। ଜିଲ୍ଲାର ସମସ୍ତ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍, ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଏହିଭଳି ୪ଟି ସ୍କ୍ୱାଡ୍ ପରୀକ୍ଷା ତଦାରଖ କରିବେ। ଏହାସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଡିଓ ଓ ତହସିଲଦାରମାନେ ସେମାନଙ୍କ ଅଧିନସ୍ଥ ଅଞ୍ଚଳରେ କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବେ।

ଜିଲ୍ଲାର ସମସ୍ତ ୬ଟି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ସେଗୁଡ଼ିକ ହେଲା - ବାମରା ହାଇସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, କୁଚିଣ୍ଡା ସରକାରୀ ବାଳିକା ହାଇସ୍କୁଲ, ରେଢ଼ାଖୋଲର ଗୌରଚନ୍ଦ୍ର ହାଇସ୍କୁଲ ଓ ରେଙ୍ଗାଲିର ନ୍ୟୁ ରମ୍ପେଲା ହାଇସ୍କୁଲ। ପରୀକ୍ଷା ଦିନ ମାନଙ୍କରେ ୨୧ଟି ଡେସପାଚ୍ ଟିମ୍ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରଶ୍ନପତ୍ର ଯୋଗାଇବା ସହ ଉତ୍ତର ପତ୍ର ସଂଗ୍ରହ କରି ନୋଡାଲ କେନ୍ଦ୍ରରେ ଜମା କରିବେ। ପ୍ରତି ଟିମ୍ ସହ ଦୁଇଜଣ ପୁଲିସ ରହୁଛନ୍ତି। ଚଳିତବର୍ଷ ପ୍ରଥମ ଦିନ ଫେବୃଆରୀ ୧୯ ତାରିଖ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ଥିବାବେଳେ ୨୧ରେ ଇଂରାଜୀ, ୨୩ରେ ସଂସ୍କୃତ / ହିନ୍ଦୀ, ୨୫ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ ତାରିଖ ଗଣିତ ପରୀକ୍ଷା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସମ୍ବଲପୁର ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ପାସ୍‌ହାର ୯୭.୨୬% ରହିଥିବାବେଳେ ଜିଲ୍ଲାରେ ମାତ୍ର ୧୯ ଜଣ 'ଏ-୧' ଗ୍ରେଡ ପାଇଥିଲେ। ସେହିପରି ୨୦୨୪ ମସିହାରେ ଜିଲ୍ଲାର ମାଟ୍ରିକ ପାସ୍‌ହାର ୯୬.୭୩% ('ଏ-୧' ୧୪), ୨୦୨୩ରେ ପାସ୍‌ହାର ୯୬.୮୨% ('ଏ-୧' ୬୬), ୨୦୨୨ରେ ପାସ୍‌ହାର ୯୦.୯୬% ('ଏ-୧' ୯୫) ଏବଂ ୨୦୨୧ରେ ପାସ୍‌ହାର ୯୭.୮୯% ('ଏ-୧' ୩୦) ରହିଥିଲା।

# ଯୁକ୍ତ-୨ ପରୀକ୍ଷାର ପ୍ରଥମଦିନ ୨୦ ଅନୁପସ୍ଥିତ

**ସମ୍ବଲପୁର, ୧୮।୨ (ସମିସ) :** ଆଜିଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ର ଯୁକ୍ତ-୨ ପରୀକ୍ଷା। ପ୍ରଥମ ଦିନ ବିଜ୍ଞାନ ସ୍ରୋତର ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିଲା। ମିଳିଥିବା




ସୂଚନା ଅନୁଯାୟୀ ମାତ୍ର ୨୦ ଜଣ ପରୀକ୍ଷାର୍ଥୀ ଆଜି ଅନୁପସ୍ଥିତ ଥିଲେ। ବିଜ୍ଞାନରେ ୩୨୧୨ ଜଣ ରେଗୁଲାର ଓ ୧୮୪ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ସମାପନ ହୋଇଥିଲା। ଏହା ସହିତ ହବ୍ ମାନଙ୍କରେ ଉତ୍ତର ପତ୍ର ଜମାହୋଇ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ଗଚ୍ଛିତ ହୋଇଛି। ଆସନ୍ତା ୨୦ ତାରିଖ ପରବର୍ତ୍ତୀ ପରୀକ୍ଷା କଳା ଓ ବାଣିଜ୍ୟ ସ୍ରୋତର ମାତୃଭାଷା (ଓଡ଼ିଆ) ରହିଛି।

ସମ୍ବଲପୁର ଜିଲ୍ଲାରେ ୫୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୦୮୩୫ ପରୀକ୍ଷାର୍ଥୀ ୪୨ଟି ପରୀକ୍ଷା କେନ୍ଦ୍ର ସହିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ସବ୍‌ସେଣ୍ଟରରେ ପରୀକ୍ଷା ଦେବେ। ଜିଲ୍ଲାରେ କଳାରେ ୬୨୪୩ ଜଣ ରେଗୁଲାର ଓ ୩୧୦ ଜଣ ଏକ୍ସ-ରେଗୁଲାର, ବିଜ୍ଞାନରେ ୩୨୧୨ ଜଣ ରେଗୁଲାର ଓ ୧୮୪ ଜଣ ଏକ୍ସ-ରେଗୁଲାର ଏବଂ ବାଣିଜ୍ୟରେ ୮୩୮ ଜଣ ରେଗୁଲାର ଓ ୪୮ ଜଣ ଏକ୍ସ-ରେଗୁଲାର ଏହିପରି ମୋଟ ୧୦୮୩୫ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଆସନ୍ତା ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଜିଲ୍ଲାର ୬ଟି ପରୀକ୍ଷା ପରିଚାଳନା ହବ୍ ମାନଙ୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି। ପରୀକ୍ଷା କେନ୍ଦ୍ର ମାନଙ୍କରେ ସିସିଟିଭି କ୍ୟାମେରା ଖଞ୍ଜା ହେବାସହ ହବ୍ ମାନଙ୍କରେ ପରିଷଦ ପକ୍ଷରୁ 'ଏଆଇ' କ୍ୟାମେରା ଲଗାଯାଇ ନିୟମିତ ଭାବେ ମନିଟରିଂ କରାଯାଉଥିବା ଜଣାପଡ଼ିଛି।

# ବର୍ଷୀୟାନ ସାମ୍ବାଦିକ ଶିବ ମେହେରଙ୍କ ପରଲୋକ

**ସମ୍ବଲପୁର, ୧୮।୨ (ସମିସ) :** ବର୍ଷୀୟାନ ସାମ୍ବାଦିକ ଶିବ ପ୍ରସାଦ ମେହେରଙ୍କ ୭୫ ବର୍ଷ ବୟସରେ ଗତକାଲି ରାତି ପ୍ରାୟ ୧୧ଟା ୪୫ ମିନିଟ୍ ସମୟରେ



ପରଲୋକ ହୋଇଯାଇଛି। ବୟସକୁ ମାନୁ ନ ଥିବା ଜଣେ ସକ୍ରିୟ ସାମ୍ବାଦିକ ଶିବ ମେହେର ଗତକାଲି ଦିନତମାମ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅନ୍ତିମ ଶୋଭାଯାତ୍ରା ଓ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ। ଘରେ ରାତ୍ରିଭୋଜନ ପରେ ପାଣି ପିଇବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଫୁସ୍‌ଫୁସ୍‌କୁ ପାଣି ପଶିଯିବା କାରଣରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବା କୁହାଯାଉଛି। ତାଙ୍କୁ ତୁରନ୍ତ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସମଗ୍ର ସମ୍ବଲପୁର ସମେତ ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀର 'ଉତ୍ସର୍ଗ' ଅନୁଷ୍ଠାନ ସହଯୋଗରେ ଭିମସାର ଏନାଟୋମୀ ବିଭାଗକୁ ପ୍ରଦାନ କରାଯାଇଥିଲା।



୧୯୫୧ ମସିହା ମାର୍ଚ୍ଚ ୬ ତାରିଖ ଜନ୍ମିତ ଶିବ ମେହେର ନିଜ ଦୀର୍ଘ ସାମ୍ବାଦିକତା ଜୀବନରେ ଅନେକ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। ହିନ୍ଦୀ ସମ୍ବାଦପତ୍ର 'ଲୋକସ୍ୱର', 'ନବଭାରତ', 'ଓଡ଼ିଶା ପୋଷ୍ଟ' ଆଦିରେ କାର୍ଯ୍ୟ କରିବାପରେ ସେ ସମ୍ପ୍ରତି ଓଡ଼ିଆ ଦୈନିକ ସମ୍ବାଦପତ୍ର 'ହୀରାଞ୍ଚଳ'ରେ କାର୍ଯ୍ୟରତ ଥିଲେ। ସେ ଜଣେ ଦକ୍ଷ ସାମ୍ବାଦିକ ଭାବରେ ସମ୍ବଲପୁର ଜନଜୀବନ ତଥା ସମସ୍ୟା ଗୁଡ଼ିକୁ ନିର୍ଭିକତାର ସହ ଉପସ୍ଥାପନ କରୁଥିଲେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ସମ୍ପୃକ୍ତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ। ତାଙ୍କ ପଛରେ ପତ୍ନୀ ଶୈଳ, ପୁଅ ଅପୂର୍ବ ଓ ଝିଅ ବନ୍ଦନାକୁ ଛାଡ଼ିଯାଇଛନ୍ତି।

# ସୁରେନ୍ଦ୍ର ପୂଜାରୀଙ୍କ ପରଲୋକ

**ସମ୍ବଲପୁର, ୧୮।୨ (ସମିସ) :** ସମ୍ବଲପୁରର ଫରେନ୍ସିକ୍ ସାଇନ୍ସ ଏବଂ ଲାବ୍ରୋଟେରିର ପୂର୍ବତନ ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପୂଜାରୀଙ୍କ ବୁଧବାର ରାମଜୀ ମନ୍ଦିରସ୍ଥିତ ବାସଭବନରେ ୮୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପୂଜାରୀ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି



ଙ୍କ ରୋହିତ ପୂଜାରୀଙ୍କ ବଡବାପା ହେବେ। ସ୍ୱର୍ଗତ ପୂଜାରୀ ଶିକ୍ଷାବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ରହିଥିଲେ। ସେ ତତ୍କାଳିନ ଗଙ୍ଗାଧର ମେହେର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ରହିଥିଲେ, ପରେ ବରପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ତୁଲାଇବା ସହ ପରବର୍ତ୍ତୀ ସମୟରେ ସମ୍ବଲପୁର ଫରେନ୍ସିକ୍ସ ସାଇନ୍ସ ଏବଂ ଲାବ୍ରୋଟେରିର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସମ୍ବଲପୁର ରାଜଘାଟଠାରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ ହୋଇଯାଇଛି।ସ୍ୱର୍ଗତ ପୂଜାରୀଙ୍କ ବଡ଼ ନାତି ଆଶୁତୋଷ ପୂଜାରୀ ମୁଖାଗ୍ନି ଦେଇଥିଲେ। ତାଙ୍କର ଅନ୍ତିମଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍କ ରୋହିତ ପୂଜାରୀ, ତାଙ୍କର ପରିବାର ସ୍ୱଜନ, ସମ୍ପର୍କୀୟ, ବିଜୁ ଜନତା ଦଳର କର୍ମକର୍ତ୍ତା ଏବଂ କର୍ମୀମାନେ ଯୋଗ ଦେଇଥିଲେ।

# ହାଇୱା ଅଟକ ରଖି ଟଙ୍କା ମାଗିବା ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୧୮।୨ (ସମିସ) :** ବୁର୍ଲା ଥାନା ଅଞ୍ଚଳରେ ପଥର ସାମଗ୍ରୀ (ରାଖଡ଼) ନେଇ ଯାଉଥିବା ଦୁଇଟି ହାଇୱାକୁ ଅଟକ ରଖିବାସହ ଅନ୍‌ଲୋଡ୍ କରି ଫଟୋ ଉତ୍ତୋଳନ ସହ ଟଙ୍କା ମାଗିବା ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଦୁଇଟି ହାଇୱା ଗାଡ଼ି ଜବତ କରିଛି।

ପୁଲିସରେ ଅଭିଯୋଗ ଅନୁସାରେ ଗତ ୧୬ ତାରିଖ ସକାଳ ୧୦ଟା ସମୟରେ ଦୁଇଟି ହାଇୱା ଗାଡ଼ି ପଥର ସାମଗ୍ରୀ (ରାଖଡ଼) ସହିତ ଲୋଡ୍ ହୋଇଥିଲା ଯାହାର ରେଜିଷ୍ଟ୍ରେସନ୍ ନମ୍ବର - ସିଜି୧୦ବିଏମ୍୭୨୨୧ ଏବଂ ସିଜି୧୦ବିଏମ୍୭୨୨୯, ଗାଡ଼ିକୁ ଖାଲି କରିବା ପାଇଁ ରାୟପୁର ପଟକୁ ଯାଉଥିଲେ। ହାଇୱା ଗାଡ଼ିର ଜଣେ ଚାଳକ ଅସୁସ୍ଥ ହୋଇପଡ଼ିବାରୁ ଉଭୟ ଚାଳକ ବୁର୍ଲା ଥାନା ଅନ୍ତର୍ଗତ ରାୟ ଢାବାରେ ସେମାନଙ୍କର ହାଇୱା ଗାଡି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଢାବାର ମାଲିକ ଏବଂ ଅନ୍ୟ ଜଣେ ଚାଳକମାନଙ୍କୁ ଭୟଭୀତ କରି ହାଇୱା ଗାଡି ଜୋରଜବରଦସ୍ତି ନେଇଯାଇ ଖୋଲାପଡ଼ିଆରେ ପଥର ସାମଗ୍ରୀ ଅନଲୋଡ କରି ଫଟୋ ଏବଂ ଭିଡିଓ ଉଠାଇଥିଲେ ଏବଂ ସେଠାରେ ଚାଳକ ମାନଙ୍କୁ ଭୟଭୀତ କରାଇ ଦେୟ ନ ଦେବାରୁ ୪ ଲକ୍ଷ ଟଙ୍କା ଦାବି କରିଥିଲେ। ସୁଯୋଗ ନେଇ ଉଭୟ ଚାଳକ ଖସିଆସି ତାଙ୍କ ମାଲିକଙ୍କୁ ଘଟଣା



ବିଷୟରେ କହିଥିଲେ। ପୁଲିସ ବୁର୍ଲା ଥାନା କେସ୍ ନମ୍ବର ୭୬ / ତା. ୧୭.୨.୨୬ ଦଫା ୧୨୭(୨) / ୩୦୮(୪) / ୩୫୧(୩) / ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁକରି ସମ୍ପୃକ୍ତ ଅଭିଯୁକ୍ତ ପ୍ରଶାନ୍ତ ପଟେଲ (୩୦)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଭୟ ହାଇୱା ଗାଡ଼ିକୁ ପୁଲିସ ଜବତ କରିଥିବା ସୂଚନା ମିଳିଛି।

# ହାଓଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ

**ସମ୍ବଲପୁର, ୧୮।୨ (ସମିସ) :** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ସ୍ୱରୂପ, ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍‌କୁ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟିଲାଗଡ଼ ମଧ୍ୟରେ ସମ୍ପ୍ରସାରିତ ଭାଗର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ଏଥିଅନୁଯାୟୀ, ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ଆସନ୍ତା ୨୧ ତାରିଖ ହାଓଡ଼ାରୁ ବାହାରିବ। ଟ୍ରେନ ନମ୍ବର ୧୨୮୭୨ (ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ) ଆସନ୍ତା ୨୨ ତାରିଖ ଜୁନାଗଡ଼ ରୋଡରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡ଼ା-ଟିଟିଲାଗଡ଼-ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟିଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ। ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟିଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ଏହି ବର୍ଦ୍ଧିତ ସେବା ଛାତ୍ରଛାତ୍ରୀ, ଚିକିତ୍ସା ସୁବିଧା ଚାହୁଁଥିବା ରୋଗୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ଏବଂ କାର୍ଯ୍ୟରତ ପେସାଦାରମାନଙ୍କୁ ଲାଭାନ୍ୱିତ କରିବାସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ରେଳବାଇ ପକ୍ଷରୁ ଆଶାପ୍ରକାଶ କରାଯାଇଛି।

### ମହାନଦୀ ବ୍ରିଜ୍ ଉପରୁ ଡେଇଁ ପଡ଼ିଲେ ମହିଳା

# କ୍ୟାମେରାରେ କଏଦ ହେଲା ଦୃଶ୍ୟ

**ସମ୍ବଲପୁର, ୧୮।୨ (ସମିସ):** ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ପୋଲ ଉପରୁ ଜଣେ ମହିଳା ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ବୁର୍ଲା ବାସିନ୍ଦା ହୋଇଥିବାବେଳେ କାହିଁକି ଆତ୍ମହତ୍ୟା କଲେ ତା'ର କାରଣ ଜଣାପଡ଼ିନାହିଁ। ସେ ମହାନଦୀ ପୋଲ ଉପରେ ଛିଡ଼ା ହୋଇଥିବାବେଳେ ପଥଚାରୀମାନେ ତାଙ୍କୁ ଏଭଳି ନକରିବାକୁ ବାରଣ କରିବାସହ ଓହ୍ଲାଇ ଆସିବାକୁ କହିଥିଲେ। ତେବେ, ସେ ତାହା ଶୁଣିନଥିଲେ। ମୋବାଇଲ କ୍ୟାମେରାରେ ଏହି ଦୃଶ୍ୟ କଏଦ ମଧ୍ୟ ହୋଇଥିଲା।



ସୂଚନା ଅନୁଯାୟୀ, ବୁର୍ଲାରୁ ସମ୍ବଲପୁର ପଟକୁ ଆସିବାବେଳେ ଜାତୀୟ ରାଜପଥ ଉପରେ ଥିବା ମହାନଦୀ ପୋଲର ବାମପାର୍ଶ୍ୱରେ ଚଢ଼ି ସେ ଡେଇଁବାକୁ ଉଦ୍ୟମ କରିଥିଲେ। ସେହି ସମୟରେ କେତେଜଣ ପଥଚାରୀ ତାଙ୍କୁ ଏଭଳି ନକରିବାକୁ ଏବଂ ଓହ୍ଲାଇ ଆସିବାକୁ ଅନୁରୋଧ କରିଥିଲେ। ମହିଳା ଜଣକ ପୋଲ ଉପରେ କିଛି ସମୟ ଛିଡ଼ା ହୋଇ ରହିବାପରେ ମହାନଦୀକୁ ଡେଇଁ ପଡ଼ିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବୁର୍ଲା ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ, ସେତେବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ବୁର୍ଲା ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସର ସୂଚନା ଅନୁଯାୟୀ, ମହିଳା ଜଣକ କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଲଭଟାପଡ଼ାର ଅଞ୍ଜୁ କୁମ୍ଭାର। ଅପମୃତ୍ୟୁ ମାମଲା କେସ୍ ନଂ. ୧୧୫ / ୨୮-୨-୨୦୨୬ ରୁଜୁକରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୀଡ଼ିତାଙ୍କ ଚିକିତ୍ସା ଓ ଶବ ସତ୍କାର ପାଇଁ ସହାୟତା

**କୁଚିଣ୍ଡା, ୧୮।୨(ସମିସ):** ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶାର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରର ଜଣେ ଅଗ୍ନି ପୀଡ଼ିତାଙ୍କୁ ସହାୟତା ପ୍ରଦାନ କରାଯାଇଛି।ସୂଚନା ମୁତାବକ କୁଚିଣ୍ଡା ସହରର ଜଣେ ଅବିବାହିତା ଝିଅ ସବିତା ସାହୁ (୫୫) ନିଜ ଘରେ ନିଆଁରେ ପୋଡ଼ି ଯାଇଥିଲେ। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ପ୍ରଥମେ ବୁର୍ଲା ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ଲାଗି ପଠା ଯାଇଥିଲା। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର କ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କ ଚିକିତ୍ସା ଲାଗି ବ୍ୟବସ୍ଥା କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ଗତ ୨୮ ଜାନୁଆରୀ ୨୦୨୬ ଦିନ ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀରକୁ ଘରକୁ ଆଣି ଶବ ସତ୍କାର କରାଇବା ସହିତ ୧୭.୨.୨୦୨୬ ଦିନ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କ ପରିବାର ଲୋକଙ୍କୁ ଭେଟି ପାଞ୍ଚ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମ୍ପାଦକ ନଳିନୀ କାନ୍ତ ମହାନ୍ତି, ଉପ ସଭାପତି ସତ୍ୟନାରାୟଣ ପଟେଲ, ସମ୍ବଲପୁର ଜିଲ୍ଲା ସଂଗଠନ ସମ୍ପାଦକ ବିବେକାନନ୍ଦ ପାଣିଗ୍ରାହୀ, କୋଷାଧ୍ୟକ୍ଷ ମିଥିଲେଶ ଅଗ୍ରୱାଲ, ସଦସ୍ୟ ଟଙ୍କଧର ପଶାୟତ, ସଦସ୍ୟା କଲ୍ୟାଣୀ ପଟେଲ ପ୍ରମୁଖ ତାଙ୍କ ମାଆଙ୍କୁ ଭେଟିଥିଲେ।

# ନିଖୋଜ ନାବାଳିକା ଉଦ୍ଧାର

**ସମ୍ବଲପୁର, ୧୮।୨ (ସମିସ):** ବୁର୍ଲା ଥାନା ଅଞ୍ଚଳର ନିଖୋଜ ହୋଇଥିବା ଦୁଇଜଣ ନାବାଳିକାଙ୍କୁ ପୁଲିସ ବରଗଡ଼ ରେଳଷ୍ଟେସନରୁ ଉଦ୍ଧାର କରିଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅଞ୍ଚଳର ନାବାଳିକା ଜଣକ ଏକ ଅଟୋ ଯୋଗେ ସମଲେଶ୍ୱରୀ ମନ୍ଦିରକୁ ଯାଇଥିଲେ କିନ୍ତୁ ଫେରି ନଥିଲେ। ତାଙ୍କ ପରିବାର ସଦସ୍ୟମାନେ ଖୋଜାଖୋଜି କରି ନପାଇବାରୁ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପୁଲିସ ଜାଣିପାରିଥିଲା ଯେ, ନାବାଳିକା ଜଣକ ଅନ୍ୟଜଣେ ନାବାଳିକା ସାଙ୍ଗ ସହିତ ପିତାମାତାଙ୍କ ଅଜାଣତରେ ବିଦେଶକୁ କାମ କରିବାକୁ ପଳାଇଯିବାକୁ ଯୋଜନା କରିଥିଲେ। ଉଭୟ ନାବାଳିକା ପରିବାର ସଦସ୍ୟଙ୍କୁ ସମଲେଶ୍ୱରୀ ମନ୍ଦିର ଦର୍ଶନ ପାଇଁ ଯିବାକୁ କହି ମନ୍ଦିର ଯିବା ପରିବର୍ତ୍ତେ ଅଇଁଠାପାଲି ବସ୍ ଟର୍ମିନାଲକୁ ଯାଇ ସେଠାରୁ ବରଗଡ଼ ପଳାଇ ଯାଇଥିଲେ। ପୁଲିସ ଉଭୟ ନାବାଳିକାଙ୍କୁ ବରଗଡ଼ ରେଳଷ୍ଟେସନରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଏନ୍‌ଏସି ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ



**କୁଚିଣ୍ଡା, ୧୮।୨(ସମିସ):** କୁଚିଣ୍ଡା ଏନ୍‌ଏସି ପକ୍ଷରୁ ସ୍ଥାନୀୟ ଫରେଷ୍ଟ ପାର୍କ ଠାରେ ବଡାଖାନର ଆୟୋଜନ କରାଯାଇଥିଲା। ଉଚ୍ଚ, ନୀଚ, ସଫେଇ କର୍ମଚାରୀ, ଅଧିକାରୀ ଆଦି ଭେଦ ଭାବ ଭୁଲି ସମସ୍ତେ ଏକା ସାଙ୍ଗରେ ସ୍ୱାଦିଷ୍ଟ ଭୋଜନ ଉଚ୍ଚ ଅଧିକାରୀ ପରସିଲେ। ତଳିଆ କର୍ମଚାରୀ ଆନନ୍ଦର ସହ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳ ସର୍ବୱାନନ ସ, ଡେପୁଟି କଲେକ୍ଟର ଲୋଚନ ଶବର, ଇଓ ମନୋରଞ୍ଜନ ସୁନା, ଏମଇଏସସିପ, ସୁଶାନ୍ତ ଗଜେନ୍ଦ୍ର ସିଂ, ହିମାଂଶୁ ମହାନନ୍ଦଙ୍କ ସହ ସମସ୍ତ କର୍ମଚାରୀ ବଡାଖାନାରେ ଅଂଶଗ୍ରହଣ କରିଥିଲେ।

# ମନ୍ଦିର ପରିସରରୁ ମୂର୍ତ୍ତି ଚୋରି, ସିସିଟିଭିରେ କଏଦ

**ସମ୍ବଲପୁର, ୧୮।୨ (ସମିସ) :** ବାଲିବନ୍ଧାସ୍ଥିତ ସୋମନାଥ ମନ୍ଦିର ପରିସରରେ ଥିବା ଗଣେଶ ମନ୍ଦିରରୁ ଗଣେଶଙ୍କ ଏକ ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିଛି। ମୂର୍ତ୍ତି ଚୋରି ନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ସିସିଟିଭି କ୍ୟାମେରାରେ ଏହି ସମୟର ଚିତ୍ର କଏଦ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଟାଉନ ଥାନାଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଗଣେଶ ମନ୍ଦିରର ପୂଜାରୀ କିଛି ସମୟ ପାଇଁ ବାହାରକୁ ଯାଇ ଫେରିବାପରେ ଗଣେଶଙ୍କ ମୂର୍ତ୍ତି ତଳେ ରହିଥିବା ଅଷ୍ଟଧାତୁର ମୂର୍ତ୍ତି ନଥିବା ଦେଖିବାକୁ ପାଇଥିଲେ। ଏହାର ଓଜନ ପ୍ରାୟ ୨ କିଲୋ ହୋଇଥିବାବେଳେ ଏହା ଠାକୁରଙ୍କ ଚଳନ୍ତି ପ୍ରତିମା। ସିସିଟିଭି କ୍ୟାମେରାରେ ଜଣେ ବ୍ୟକ୍ତି ସନ୍ଦିଗ୍ଧ ଭାବେ ବୁଲୁଥିବା ଏବଂ ଅନ୍ୟ କାର୍ଯ୍ୟ ଜଣାପଡ଼ିଥିଲା। ଏନେଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଟାଉନଥାନାରେ ଏତଲା ଦେବାସହ ସିସିଟିଭି ଫୁଟେଜ୍ ମଧ୍ୟ ଦିଆଯାଇଛି। ପୁଲିସ ଟିମ୍ ଆସି ଏନେଇ ତଦନ୍ତ କରିଥିବା ଜଣାପଡ଼ିଛି।

# ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ବୈଠକ



**ସମ୍ବଲପୁର, ୧୮।୨ (ସମିସ) :** ପିଡବ୍ଲୁଡି ଛକରେ ଥିବା ସଙ୍ଘ କାର୍ଯ୍ୟାଳୟରେ ଆଜି ଅପରାହ୍ନରେ ସମ୍ବଲପୁର ଜିଲ୍ଲା ଠିକାଦାର ସଙ୍ଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ସମସ୍ତ ଠିକାଦାର ଏକ ହୋଇ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ପକାଯିବ। 'ଏ' ଓ 'ସି' କ୍ଲାସ ଟେଣ୍ଡର କାମ କେବଳ ଜିଲ୍ଲାର ଠିକାଦାର କରିବେ ଏବଂ ବାହାର ଜିଲ୍ଲାର ଠିକାଦାରଙ୍କୁ ସୁଯୋଗ ଦିଆଯିବ ନାହିଁ। ଆସନ୍ତା ୨୦ ତାରିଖ 'ଭୁବନେଶ୍ୱର ଚାଲ'କୁ ସଫଳ କରି ବହୁ ସଂଖ୍ୟାରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଠିକାଦାର ସଂଘ ସଭାପତି ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ତୁଷାର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଅଭିନାଶ ନନ୍ଦଙ୍କ ସମେତ ଜିଲ୍ଲାର ପ୍ରାୟ ୨୦୦ ଜଣ ଠିକାଦାର ଅଂଶଗ୍ରହଣ କରିଥିଲେ।

### ■ ଏଆଇ-ଚାଳିତ କୃଷି-ଶିକ୍ଷା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ଲକ୍ଷ୍ୟ

# ଓଏସ୍ଓୟୁ - ଓୟୁଏଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ସମ୍ବଲପୁର, ୧୮।୨ (ସମିସ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଏଆଇ-ଚାଳିତ କୃଷି-ଶିକ୍ଷା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଓଡ଼ିଶାରେ ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ କୃଷି ଶିକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, 'କୃଷି-ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ' (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆପ୍ଲିକେସନ୍ସ ଫର୍ ଟ୍ରାନ୍ସଫର୍ମିଙ୍ଗ ଏଗ୍ରି-ଫୁଡ୍ ସିଷ୍ଟମ) ଶୀର୍ଷକ ଓୟୁଏଟିଠାରେ ୧୭ ଓ ୧୮ ତାରିଖ ଆୟୋଜିତ ଦୁଇଦିନିଆ କର୍ମଶାଳାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଉଦ୍‌ଘାଟନୀ ଅଧିବେଶନରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଅଧ୍ୟକ୍ଷତା କରିଥିବାବେଳେ ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃଷିରେ ଡିଜିଟାଲ୍ ଶିକ୍ଷା ଏବଂ ଏଆଇ-ସକ୍ଷମ ଜ୍ଞାନ ପ୍ରସାରଣର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓୟୁଏଟି ଡିପିଏମ୍ଇ ପ୍ରଫେସର ଏସ୍. କେ. ସ୍ୱାଇଁ ଏବଂ ଓଏସ୍ଓୟୁ କୁଳସଚିବ ଡକ୍ଟର ଚିତ୍ତରଞ୍ଜନ



ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇଥିଲା। ଏହି ଚୁକ୍ତିନାମା କୃଷକ, କୃଷି-ଉଦ୍ୟୋଗୀ ଏବଂ ଗ୍ରାମାଞ୍ଚଳ ଯୁବପିଢ଼ିଙ୍କୁ ସହାୟତା କରିବା ପାଇଁ ସହଯୋଗୀ ଶିକ୍ଷାଗତ କାର୍ଯ୍ୟକ୍ରମ, ଡିଜିଟାଲ୍ ବିଷୟବସ୍ତୁ ବିକାଶ, ଏଆଇ-ସମର୍ଥିତ କୃଷି-ସମ୍ପ୍ରସାରଣ, କ୍ଷମତା ନିର୍ମାଣ, ଗବେଷଣା ସହଯୋଗ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏହି ଅବସରରେ ଓଏସ୍ଓୟୁ କୁଳପତି ପ୍ରଫେସର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ ଯେ ମୁକ୍ତ ବିଶ୍ୱବିଦ୍ୟାଳୟର ଖୋଲା ଏବଂ ଦୂର ଶିକ୍ଷା ଇକୋସିଷ୍ଟମ୍, ଏଆଇ-ସମର୍ଥିତ ଡିଜିଟାଲ୍ ପ୍ଲାଟଫର୍ମ ସହିତ ସୁଦୃଢ଼, ଆଧୁନିକ କୃଷି ଜ୍ଞାନକୁ ତୃଣମୂଳସ୍ତରକୁ ବିସ୍ତାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଉଲ୍ଲେଖ କରିଥିଲେ ଯେ ଏହି ସହଯୋଗ ସୁଗମ ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ବୈଜ୍ଞାନିକ ଗବେଷଣା ଏବଂ କ୍ଷେତ୍ର-ସ୍ତରୀୟ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରିବ। ତାଙ୍କ ସଭାପତିତ୍ୱ ଭାଷଣରେ, ଓୟୁଏଟି କୁଳପତି ପ୍ରଫେସର ରାଉଳ ସଠିକ୍ କୃଷି, କୀଟ ନିର୍ଣ୍ଣୟ, ଫସଲ ଯୋଜନା କ୍ଷେତ୍ରରେ ଏଆଇ ହସ୍ତକ୍ଷେପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ।

# ମ୍ୟୁଲ ଆକାଉଣ୍ଟ ଘଟଣାରେ ୧୫ ଗିରଫ, ୮ ଜଣଙ୍କୁ ନୋଟିସ

ଝାରସୁଗୁଡ଼ା, ୧୮ ।୨(ସମିସ)

ଜିଲ୍ଲାରେ ସାଇବର ଠକଙ୍କ ବିରୋଧରେ ଓଡ଼ିଶା ପୁଲିସ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ 'ସାଇବର କବଚ'ରେ ଝାରସୁଗୁଡ଼ା ପୁଲିସକୁ ବଡ ସଫଳତା ମିଳିଛି। ଏହି ପରିପ୍ରେକ୍ଷୀରେ ମ୍ୟୁଲ ଆକାଉଣ୍ଟ ଘଟଣାରେ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠାବ କରାଯାଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟରୁ ଟ୍ରାଞ୍ଜାକ୍ସନ ଏବଂ ଠକେଇ ଅଭିଯୋଗରେ ଜିଲ୍ଲାର ୬ଟି ଥାନାଞ୍ଚଳରେ ତଦନ୍ତ କରି ଚଢ଼ଉ କରାହୋଇଥିଲା। ଏଥିରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ ଜାରି କରାଯାଇଛି।



ଝାରସୁଗୁଡ଼ା ପୁଲିସ ଅନଲାଇନ୍ ଆର୍ଥିକ ଠକେଇରେ ସମ୍ପୃକ୍ତ ଅନେକ ସାଇବର ଠକଙ୍କୁ ସଫଳତାର ସହ ଗିରଫ କରିଥିବା ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବୁଧବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏପର୍ଯ୍ୟନ୍ତ ୫ କୋଟି ୨୭ ଲକ୍ଷ ଟଙ୍କା ଜବତ ହୋଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ପୋର୍ଟାଲ ମାଧ୍ୟମରେ ପ୍ରାପ୍ତ ମ୍ୟୁଲ୍ ଆକାଉଣ୍ଟ, ଚେକ୍ ଉଠାଣ ଏବଂ ଏଟିଏମ୍ ଉଠାଣର ଟ୍ରାଞ୍ଜାକ୍ସନକୁ ପୁଲିସ ଟ୍ରେସ କରିଥିଲା। ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରିବା ପାଇଁ ଟେକ୍ନିକାଲ ଏବଂ ଡିଜିଟାଲ ପ୍ରମାଣ ସଂଗ୍ରହ କରାହୋଇଥିଲା। ଅଭିଯୁକ୍ତ ମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ବ୍ୟାଙ୍କ ଦସ୍ତାବେଜ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସମେତ ଇଲେକ୍ଟ୍ରୋନିକ୍ ଉପକରଣକୁ ପୁଲିସ ଜବତ କରିଛି। ଏକ ସିଣ୍ଡିକେଟ ମାଧ୍ୟମରେ ସାଧାରଣ ଲୋକଙ୍କୁ ଟଙ୍କାର ଲୋଭ ଦେଖାଇ ଠକୁଥିଲେ। ପ୍ରଥମେ ଲୋକଙ୍କୁ

**୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠାବ**

ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କହିଥାନ୍ତି। ଆକାଉଣ୍ଟ ଖୋଲିବା ପରେ, ସେମାନେ ଉକ୍ତ ଲୋକଙ୍କ ଠାରୁ ପାସବୁକ୍, ଏଟିଏମ୍ କାର୍ଡ ଏବଂ ସେମାନଙ୍କ ନାମରେ ଜାରି ହୋଇଥିବା ସିମ୍ କାର୍ଡ ନିଜ ପାଖରେ ରଖନ୍ତି। ପରେ ମନଇଚ୍ଛା ଟ୍ରାଞ୍ଜାକ୍ସନ କରନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମ୍ୟୁଲ ଆକାଉଣ୍ଟ ସମ୍ପୃକ୍ତିରେ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ନେଇ ଏସପି ଶ୍ରୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ଗ୍ରୁପ ଲୋନ ଠକେଇ; ୨ ଗିରଫ

ଝାରସୁଗୁଡ଼ା, ୧୮ ।୨(ସମିସ): ଗ୍ରୁପ ଲୋନ କରାଇଦେବାର ପ୍ରଲୋଭନ ଦେଖାଇ ନିରୀହ ମହିଳାଙ୍କ ଠାରୁ ଠକେଇ କରୁଥିବା ଅଭିଯୋଗରେ୨ଜଣ ଅଭିଯୁକ୍ତଙ୍କୁ ଲଖନପୁର ପୁଲିସ ଗିରଫ କରିଛି। ଏନେଇ ଲଖନପୁର ଥାନା ପରିସରରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗିରଫ ଅଭିଯୁକ୍ତମାନେ କେନ୍ଦ୍ରାପଡ଼ାର ଜିଲ୍ଲାର ମଧୁସୂଦନ ସ୍ୱାଇଁ (୩୩) ଏବଂ ଝାରସୁଗୁଡ଼ା ଜିଲ୍ଲାର ଗୋକୁଳାନନ୍ଦ ବଗାର(୨୮) ବୋଲି ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ୧୧ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୫ ଟି ପାସବୁକ, ପାନ କାର୍ଡ, ଭୋଟର ଆଇଡି, ୨ ଟି



ସ୍ମାର୍ଟ ମୋବାଇଲ ଫୋନ, ୨ ଟି ଜାଲ ଆଧାର କାର୍ଡ, ସାଇବର ଠକେଇ ସହ ଜଡିତ ଅନ୍ୟାନ୍ୟ କାଗଜପତ୍ରର ପୁଲିସ ଜବତ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ମଧୁସୂଦନ ପୂର୍ବରୁ ଲଖନପୁର ଡାକ୍ତରଖାନାରେ ସୁପରଭାଇଜର ଭାବେ କାମ କରୁଥିବା ବେଳେ ଗୋକୁଳାନନ୍ଦଙ୍କ ସହ ବନ୍ଧୁତା କରିଥିଲା। ନିଜର ପ୍ରକୃତ ପରିଚୟ ଲୁଚାଇ ବାବୁ ଶ୍ରୀଧର ନାୟିକ ନାମରେ ଏକ ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରିଥିଲା। ସେ ବିଭିନ୍ନ ଲୋକଙ୍କୁ ଲୋନ୍ ଯୋଗାଇଦେବା ବାହାନାରେ ଫୋନ୍ କରି 'ପ୍ରୋସେସିଂ ଫି' ନାମରେ ଟଙ୍କା ଗୋକୁଳାନନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲା। ପରେ ସେହି ଟଙ୍କାକୁ ସେ ଉଠାଇ ନେଉଥିବା ବେଳେ ଗୋକୁଳାନନ୍ଦକୁ କିଛି କମିଶନ ଦେଉଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ନାମରେ ୮ଟି ସାଇବର ଠକେଇ ମାମଲାରେ ସମୁଦାୟ ୧୪୦୪୦ ଟଙ୍କାର ଠକେଇ ମାମଲା ସାଇବର କ୍ରାଇମ ପୋର୍ଟାଲରେ ଥିବା ଜଣାପଡ଼ିଛି। ସେମାନଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ପରେ ଏହା ଲକ୍ଷାଧିକ ଟଙ୍କା ହେବାର ଅନୁମାନ କରାଯାଉଛି। ଏହି ରାକେଟ ଏବେ ଝାରସୁଗୁଡ଼ା ଜିଲ୍ଲାରେ ସକ୍ରିୟ ରହିଥିବା ବେଳେ ନିରୀହ ମହିଳା ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରୁପ ଲୋନ ବାହାନାରେ ଠକେଇ କରୁଥିବାରୁ ଜନସାଧାରଣ ସଚେତନ ରହିବା ପାଇଁ ପୁଲିସ ତରଫରୁ ଅନୁରୋଧ କରାଯାଇଛି। ନିଜର ବ୍ୟାଙ୍କ ଆକାଉଣ୍ଟ, ପାସୱାର୍ଡ, ପାସବୁକ୍, ଏଟିଏମ୍ ତଥ୍ୟ କାହାକୁ ନ ଦେବାକୁ ପୁଲିସ ଅନୁରୋଧ କରିଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା, କନିଷ୍ଠ ଯନ୍ତ୍ରୀ ମୃତ, ୨ ଗୁରୁତର

ଦେବଗଡ଼, ୧୮ ।୨(ସମିସ): ଦେବଗଡ଼ ସହର ଉପକଣ୍ଠର ଜାମୁଣ୍ଡା ଛକ ଠାରେ ବୁଧବାର ସନ୍ଧ୍ୟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଘଟଣା ସ୍ଥଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର ହୋଇଥିବା ଜଣା ପଡ଼ିଛି। ତେବେ ମୃତ ବାଇକ ଆରୋହୀ ଜଣକ ସ୍ଥାନୀୟ ଟିପିଡବ୍ଲ୍ୟୁଓଡିଏଲର କନିଷ୍ଠ ଯନ୍ତ୍ରୀ ଅମିତ ମହାନ୍ତି ବୋଲି ଜଣା ପଡ଼ିଛି। ସେହିପରି ଅନ୍ୟ ଦୁଇ ଗୁରୁତର ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ତାଳକୁଦର ଗାଁର ଶକ୍ତି ବେହେରା ଓ ସଚ୍ଚିଦାନନ୍ଦ ସାହୁ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ବୀର ସୁରେନ୍ଦ୍ର ସାଏ ଚାଷୀ ସଂଗଠନ ପକ୍ଷରୁ ବୈଠକ



ବରଗଡ଼, ୧୮ ।୨(ସମିସ): ସରକଣ୍ଡା ଧାନମଣ୍ଡିରେ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ଚାଷୀ ବୁଧବାର ଏକତ୍ରିତ ହୋଇ ସଭା କରିଛନ୍ତି। ଟାଟା ପାୱାର କମ୍ପାନୀ ମନମୁଖୀ କାମ କରି ଗଭୀର ନଳକୂପର ଲାଇନ୍ ପାଇଁ ବିଲ୍ ସଂଗ୍ରହ କରୁଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଗଲା। ଗତବର୍ଷ ପରି ଚଳିତ ବର୍ଷ ୪୦୦୦ ଟଙ୍କା ବିଦ୍ୟୁତ ବିଲ୍ ଦେବାକୁ ସ୍ଥିର କରାଗଲା। ଦ୍ୱିତୀୟରେ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ତାର ସ୍ଥାୟୀ ସମାଧାନ ନିମନ୍ତେ ଜିରା ନଦୀରେ ବିସ୍ଥାପନ ବିହୀନ ଚେକ ଡ୍ୟାମ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଗଲା। ଏନେଇ ଆସନ୍ତା ୨୪ରେ ଜିଲ୍ଲାପାଳଙ୍କ ନିକଟକୁ ଏକ ବାଇକ ରାଲି କରିବାକୁ ସ୍ଥିର କରାଗଲା। ସଭାରେ ଆୟୋଜକ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ସଭାପତି ରବି ପ୍ରଧାନ, ବିଭିନ୍ନ କୃଷକ ସଂଗଠନରୁ ସୁଦାମ ପାତ୍ର, ରମେଶ ମହାପାତ୍ର, ଆଇନ୍ ପରାମର୍ଶଦାତା ଅଜିତ୍ ଶତପଥୀ, ସୁରେଶ ଓ ନିରଞ୍ଜନ, ସୁବାଷ, ତପନ, ଗୌନ୍ତିଆ ସୁନିଲ ବାରିକ, ଜିତୁ ନାଏକ, କମଳାକାନ୍ତ ସା, ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଆଖପାଖ ଅଞ୍ଚଳ ସରକଣ୍ଡା, ଜାମଛାପର, ଜଟଲା, ବାଇପାଲି, ବିଶିପାଲି, ତୁମ୍ବେରପାଲି, ସାମକଟା, କେନ୍ଦପାଲି, ଚକରକେନ୍ଦ୍ ଆଦି ଗାଁରୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ରେଙ୍ଗାଲି ଜଳଭଣ୍ଡାରରେ ବୁଡି ଛୁଆ ହାତୀର ମୃତ୍ୟୁ

ଦେବଗଡ଼, ୧୮ ।୨(ସମିସ): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଠିଆନାଳ ସେକ୍ସନ ଅଧୀନ କୁଲସରା ଗାଁ ନିକଟସ୍ଥ ରେଙ୍ଗାଲି ନଦୀବନ୍ଧ ଜଳରେ ବୁଡି ଛୁଆ ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ହାତୀର ଆନୁମାନିକ ବୟସ ୧ ବର୍ଷରୁ କମ ହୋଇଥିବା ବନଖଣ୍ଡ ଅଧିକାରୀ ରଶ୍ମି ଜୀ ସୂଚନା ଦେଇଛନ୍ତି। ନଦୀବନ୍ଧ ଜଳରାଶିର ପ୍ରାୟ ୧.୫ କିମି ଦୂରରେ ହାତୀର ମୃତଦେହ ଭାସୁଥିବା ସୂଚନା ପାଇ ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ ସମେତ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜଳରାଶି ମଧ୍ୟରୁ ହାତୀର



ମୃତଦେହ ଉଦ୍ଧାର କରିଥିଲେ। ପରେ ବାରକୋଟ ବ୍ଲକ ପ୍ରାଣୀଧନ ବିଭାଗ ଡାକ୍ତରଙ୍କ ସହାୟତାରେ ମୃତ ହାତୀର ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିବା ବେଳେ ପ୍ରାଥମିକ ତଦନ୍ତରେ ପାଣିରେ ବୁଡିବା କାରଣରୁ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି।

# ବାଲୁଙ୍କି ଦାଶ ସ୍ମୃତି ପାଠାଗାରର ଜମି ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର

ବରଗଡ଼, ୧୮ ।୨(ସମିସ): ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ବୁଧବାର ସଂଘ ଅଧୀନରେ ଥିବା ସରକାରୀ ଡାକ୍ତରଖାନା ସମ୍ମୁଖ ବାଲୁଙ୍କି ଦାଶ ସ୍ମୃତି ପାଠାଗାରର ଜମିକୁ ଜନ କଲ୍ୟାଣକାରୀ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଏନେଇ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଆଜି ସଂଘର ଏକ ପ୍ରତିନିଧି ମଣ୍ଡଳି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସାକ୍ଷାତକରି ଜମି ହସ୍ତାନ୍ତର କରିଛନ୍ତି।



୧୯୪୬ରେ ତତ୍କାଳୀନ ବରଗଡ଼ର ଭଦ୍ରବ୍ୟକ୍ତି ମାନେ ସହରରେ ଏକ ପାଠାଗାରର ଆବଶ୍ୟକତା ଅନୁଭବ କରି ମାଫିଦାର ଏବଂ ଗୌନ୍ତିଆ ମାନଙ୍କୁ ଜଣାଇଥିଲେ। ସେମାନେ ସରକାରୀ ଡାକ୍ତରଖାନା ସମ୍ମୁଖ ୮ ଡେସିମିଲ ଜମି ଦାନ କରିଥିଲେ। ସେଠାରେ ବାଲୁଙ୍କି ଦାଶ ସ୍ମୃତି ପାଠାଗାର ନିର୍ମିତ ହୋଇଥିଲା। ପାଠାଗାର ପାର୍ଶ୍ୱ ଜମିକୁ ଭଡା ଦିଆଯାଇ ସେଥିରେ ପାଠାଗାର ରକ୍ଷଣାବେକ୍ଷଣ ହେଉଥିଲା। ପରବର୍ତ୍ତୀ ସମୟରେ ସହରର ଯୁବକ ମାନେ ଅଗ୍ରମାମୀ ଯୁବ ସଂଘ ଗଠନ କରି ସେହି ଭବନରେ ଏକତ୍ରିତ ହେଉଥିଲେ। ୧୯୭୫ରେ ଅଗ୍ରମାମୀ ଯୁବକ ସଂଘର ନିଜସ୍ୱ ଭବନ ସ୍ଥାପିତ ହୋଇଥିଲା ଏବଂ ସେହିଠାରେ ପାଠାଗାର ପରିଚାଳିତ ହୋଇଥିଲା। କାଳକ୍ରମେ ଉକ୍ତ ଭବନଟି ମରାମତି ଅଭାବରୁ ବିପଦସଙ୍କୁଳ ହେବାରୁ ୨୦୧୦ରୁ ପାଠାଗାର ବନ୍ଦ ହୋଇଥିଲା। ଉକ୍ତ ଭବନର ପୁନରୁଦ୍ଧାର କିମ୍ବା ପୁନଃ ନିର୍ମାଣ ପାଇଁ ଯୁବକ ସଂଘର ଆର୍ଠଥକ ସମ୍ବଳ ନଥିଲା। ସ୍ଥାନଟିକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତରିତ କରି ଏକ ପାଠାଗାର କିମ୍ବା ସର୍ବସାଧାରଣଙ୍କ ସୁବିଧା ପାଇଁ ଏକ ଅନୁଷ୍ଠାନ ତିଆରି କରିବାକୁ ସହରର ଅନେକ ପ୍ରତିଷ୍ଠିତ ଓ ବୟୋଜ୍ୟେଷ୍ଠଙ୍କ ସହିତ ପରାମର୍ଶ ପରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଗଲା। ନୂତନ ଭବନକୁ ବାଲୁଙ୍କି ଦାଶଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ନାମରେ ନାମିତ କରାଯାଉ ବୋଲି ଅନୁରୋଧ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ସାଂସଦଙ୍କୁ ମଧ୍ୟ ତାଙ୍କର ସହଯୋଗ ପାଇଁ ପ୍ରତିନିଧି ମଣ୍ଡଳି ସାକ୍ଷାତ କରି ଜଣାଇଛନ୍ତି।

# ୬ରୁ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା

ଦେବଗଡ଼, ୧୮ ।୨(ସମିସ): ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବାସଙ୍ଘ ଓ ଜିଲ୍ଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତାର ଚଳିତ ବର୍ଷ ଦ୍ୱିତୀୟ ସଂସ୍କରଣ ଆସନ୍ତା ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ବୁଧବାର ଆୟୋଜକ ସଙ୍ଘ ପକ୍ଷରୁ ରୌନକ ପ୍ଲାଜା ଠାରେ ସେବା ସଙ୍ଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ବଛାବଛା ୮ଟି କବାଡି ଦଳ ସହ ଜିଲ୍ଲା ସ୍ତରରେ ମଧ୍ୟ ୮ଟି ଦଳକୁ ନେଇ ଲିଗ ପର୍ଯ୍ୟାୟରେ ମ୍ୟାଚ୍ ଆୟୋଜନ କରାଯିବ ଏବଂ ଓଡ଼ିଶା କବାଡି ସଙ୍ଘ ମାନ୍ୟତା ପ୍ରାପ୍ତ ରେଫରୀଙ୍କୁ ନିୟୋଜିତ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ପଡ଼ିଆରେ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତା ଆୟୋଜନ ପାଇଁ ଗତ ବର୍ଷର କମିଟି ସଦସ୍ୟ ରହିଥିବା ବେଳେ କେବଳ ଉପ ସଭାପତି ପଦବୀରେ ସୁଶୀଲ ନାୟକ ଓ ସମ୍ପାଦକ ଭାବେ ଅଭିନାଶ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେନ ନାୟକ, ସହ କୋଷାଧ୍ୟକ୍ଷ ଶାଶ୍ୱତ ନନ୍ଦ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ପୂର୍ବତନ ଖେଳାଳି ପ୍ରଦୀପ ଅମାନ୍ତ, ଶିଶିର ବେହେରା, ହୀରାଧର ରଞ୍ଜିତ, ପ୍ରତାପ ପାତ୍ର, ଗୋଲବଦନ ବେହେରା, ଆଲୋକ ଅମାନ୍ତ, ଆଲୋକ ପାତ୍ର, ପ୍ରଭାତ ସାହୁ, ଦୀପକ ଦାସ, ଲିଙ୍ଗରାଜ ବିଶ୍ୱାଳ, ବିକାଶ ଦେବ, ପିଣ୍ଟୁ ଦେବ, ଅରୁଣ ଭଞ୍ଜଙ୍କ ସମେତ ଦେବଗଡ଼ ସେବା ସଙ୍ଘର ବହୁ ସଦସ୍ୟ ଓ ଖେଳାଳି ଉପସ୍ଥିତ ଥିଲେ।

# ବନାଞ୍ଚଳରେ ଅଗ୍ନି ନିରାକରଣ ପ୍ରସ୍ତୁତି

ଝାରସୁଗୁଡ଼ା, ୧୮ ।୨(ସମିସ): ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ଅଗ୍ନି ନିରାକରଣ ନିମନ୍ତେ ପୂର୍ବ ପ୍ରସ୍ତୁତି ଅଭ୍ୟାସ ତଥା ସଚେତନତା କାର୍ଯ୍ୟକ୍ରମ ବାଗଡ଼ିହି ବନାଞ୍ଚଳ ଅଧିକାରୀ ଡ.ବନ୍ଦନା ପସାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିର୍ମିରା ବ୍ଲକ ଉପାଧ୍ୟକ୍ଷ ସାବିତ୍ରୀ ମାଝୀ, ଲଇକେରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଦୟାନିଧି ମାଝି, କିର୍ମିରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ପାଉଲୁସ କୁଜୁର, ଲଇକେରା ଉଦ୍ୟାନ ବିଭାଗ ଅଧିକାରୀ ପ୍ରମିଳା ମାରାଣ୍ଡି, ମତ୍ସ୍ୟ ବିଭାଗ ଅଧିକାରୀ ଅଞ୍ଜଳି ବଳ ନାଏକ, କିର୍ମିରା କୃଷି ବିଭାଗର ଅଧିକାରୀ ସୁନୀଲ ସିଂହ ନାଏକ ଏବଂ ବାଗଡ଼ିହି କେନ୍ଦୁପତ୍ର ବିଭାଗର ବନପାଳ ଦୀପ୍ତିମୟୀ ମଲ୍ଲିକ ଉପସ୍ଥିତ ଥିଲେ। ବାଗଡ଼ିହି ବନାଞ୍ଚଳ ଅଧୀନ୨୪ଟି ବନ ସୁରକ୍ଷା ସମିତିର ବନ ସହାୟକ, ବନ ସହାୟିକା, ଜଙ୍ଗଲ ଜଗୁଆଳି, ସଭାପତି, କୋଷାଧ୍ୟକ୍ଷ ଓ ବନବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ଡ.ପସାୟତ



ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ଓ ନିଆଁ ଲାଗିଗଲେ କିଭଳି ସଜାଗରହି ନିଆଁକୁ ପ୍ରତିହତ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀକୁଜୁର ଏବଂ ମାଝୀ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସହ ଆବଶ୍ୟକ ସ୍ଥଳେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ କିଭଳି ଭାବେ ସହଯୋଗ ନିଆଯାଇପାରିବ ସେବିଷୟରେ ଆଲୋଚନା କରାଯିବା ସହିତ ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ବନପାଳ ହରେନ୍ଦ୍ର ସାହୁ, ମୁରାରୀ ପ୍ରସାଦ ସାହୁ, ବନରକ୍ଷୀ ସତ୍ୟବ୍ରତ ସାହୁ, ସୋନିରାଣୀ ଦାସ, ସୁନାଦେଇ ମେହେର, ସଙ୍ଗୀତା ନାଏକ, ରାଜକିଶୋର ପାଣିଗ୍ରାହୀ, ଅଗ୍ନିଶମ ବିଭାଗର ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା କମିଶନଙ୍କ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କର୍ମଶାଳା

ଦେବଗଡ଼, ୧୮ ।୨(ସମିସ): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ଦେବଗଡ଼ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୁଧବାର ତିଳେଇବଣୀ ନୂଆ ବସଷ୍ଟାଣ୍ଡ ପରିସରରେ ମହିଳା ମାନଙ୍କ ପାଇଁ ବ୍ଲକସ୍ତରୀୟ ଆଇନ ସଚେତନତା କର୍ମଶାଳା ଆୟୋଜିତ




ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ତିଳେଇବଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ତିଳେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନି ମିର୍ଧା, କିଶୋର ନ୍ୟାୟ ପରିଷଦ ସଦସ୍ୟା ଗାୟତ୍ରୀ ଦ୍ୱିବେଦୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମରାଣ୍ଡି, ଜିଲ୍ଲା ଓକିଲ ସଂଘ ସଭାପତି ସଚିକାନ୍ତ ଦାସ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଂଶୀଧର ପାତ୍ର, ଜିତା ଅନୁଷ୍ଠାନର ନିର୍ଦ୍ଦେଶିକା ଅନୁପମା ରାଉତ, ଆଇନ ସେବା ପ୍ରାଧିକରଣର ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ବୁଡା, ଜିଲ୍ଲା ସୂଚନ ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ତିଳେଇବଣୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ ଜ୍ୟୋତ୍ସ୍ନା ତନ୍ତି, ସତ୍ୟବ୍ରତ ବେହେରା, ମୁକ୍ତେଶ୍ୱର ପ୍ରଧାନ, ମନୋଜ ଆଚାର୍ଯ୍ୟ, ସନ୍ତୋଷ ରଥ ଓ ଅସିତ ଦେହୁରି ପ୍ରମୁଖ ସହଯୋଗ କରିଥିଲେ।

## କେସିସିଏଲ୍ ପ୍ରୋଜେକ୍ଟ ଅଧିକାରୀଙ୍କ ଦାଦାଗିରି ଅଭିଯୋଗ

# ତିନି ଶ୍ରମିକ ସଂଗଠନର ଆନ୍ଦୋଳନ ଚେତାବନୀ

ଇବଥର୍ମାଲ, ୧୮ ।୨(ସମିସ)

ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଆଇଏଲ୍‌ବିଏଲ୍ କୋଇଲା ଖଣିରେ କାମକରୁଥିବା କେସିସିଏଲ୍ ଠିକା କମ୍ପାନୀର ମନମୁଖୀ ଶାସନ ଓ ଏହାର ପ୍ରୋଜେକ୍ଟ ମୁଖ୍ୟଙ୍କ ଦାଦାଗିରି ବିରୁଦ୍ଧରେ ଗୁରୁତର ଅଭିଯୋଗ ହୋଇଛି। ପ୍ରୋଜେକ୍ଟ ଅଧିକାରୀ କମଲେଶ ଦ୍ୱିବେଦୀଙ୍କୁ ତୁରନ୍ତ ଏଠାରୁ ହଟାଯିବାକୁ ଶ୍ରମିକ ସଂଗଠନ ଗୁଡ଼ିକ ଦାବି କରିଛନ୍ତି। ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଦ୍ୱିବେଦୀଙ୍କୁ ହଟାନଗଲେ ଲଖନପୁର କୋଇଲା କ୍ଷେତ୍ରରେ ଥିବା ଓସିଏମଏସ୍, ଏଚ୍‌ଏମ୍‌ଏସ୍ ତଥା ଏଆଇଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ଆଇଏଲ୍‌ବିଏଲ୍ କୋଇଲାଖଣି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି। ଏନେଇ ଲିଖିତ ଅଭିଯୋଗ ପତ୍ର ୩ଟି ଶ୍ରମିକ ସଂଗଠନ ପକ୍ଷରୁ ପ୍ରୋଜେକ୍ଟ ଅଧିକାରୀ ଆଇଏଲ୍‌ବିଏଲ୍‌ଙ୍କ ନିକଟରେ ଦାଖଲ ହୋଇଛି। ଏହାସହ ଜିଲ୍ଲାପାଳ, ଏସ୍‌ପି, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କୁ ମଧ୍ୟ ଦାବିର ନକଲ ପ୍ରଦାନ କରାଯାଇଛିଥିବା ବୁଧବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଆଜି ବନ୍ଧବାହାଲ ସ୍ଥିତ ଓସିଏମଏସ୍ ଶ୍ରମିକ ସଂଗଠନ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଶ୍ରମିକ ସଂଗଠନର ଶୀର୍ଷ ନେତୃତ୍ୱ କେସିସିଏଲ କମ୍ପାନୀର କଳା କାରନାମା ତଥା ଶ୍ରୀ ଦ୍ୱିବେଦୀଙ୍କ ମନମୁଖୀ କାର୍ଯ୍ୟକଳାପ ଉପରେ ଅଭିଯୋଗ କରିଥିଲେ। ଏମସିଏଲରେ ପୂର୍ବରୁ ମଧ୍ୟ ଅନେକ ଠିକା କମ୍ପାନୀ କାମ କରି ଯାଇଛନ୍ତି। ହେଲେ ଏହି କମ୍ପାନୀ ଆସିବା ଦିନଠାରୁ ସ୍ଥାନୀୟ ଅଞ୍ଚଳବାସୀ, ଜମିହରା ତଥା କୋଇଲାଖଣି ବିସ୍ଥାପିତଙ୍କ ଉପରେ ଦାଦାଗିରି ଚଲାଇଛି। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ଆଦେଶକୁ ବି ଖାତିର କରୁନାହିଁ। କୋଇଲା ଖଣି ପାଇଁ ଉବୁଡା ଗାଁର ଯୁବକ ସୁଜିତ ଦିସିରୀ ୨୪ ଏକର ଜମି ହରାଇଥିଲେ। କମ୍ପାନୀର ଦୌରାତ୍ମ୍ୟ ଯୋଗୁଁ ସେ ଚାକିରି ଖଣ୍ଡେ ପାଇ ନଥିଲେ। ଓଲଟା ମିଛ ଅଭିଯୋଗ ଓ ଅତ୍ୟାଚାରର ଶିକାର ହୋଇ ଶେଷରେ ଆତ୍ମହତ୍ୟା କଲେ। ନିୟମାନୁସାରେ ଠିକା କମ୍ପାନୀ ଏଠାରେ କାମ କଲେ ୭୦ ପ୍ରତିଶତ ସ୍ଥାନୀୟ ଓ ୩୦ ପ୍ରତିଶତ ବାହାର ନିଯୁକ୍ତି ଦେବାକଥା। ହେଲେ ଏଠାର ତା'ର ଓଲଟା ଦେଖିବାକୁ ମିଳୁଛି। ଠିକା କମ୍ପାନୀର ପ୍ରାୟ ୧୫୦୦ ଲୋକଙ୍କ ମଧ୍ୟରେ ମାତ୍ର ୪୦୦ ସ୍ଥାନୀୟ ଲୋକ ରହିଛନ୍ତି। ସ୍ଥାନୀୟ ଶ୍ରମିକ ଠିକ୍ ଭାବେ କାମ କରୁ ନଥିବା ଭଳି ମିଥ୍ୟା ଅଭିଯୋଗ ଏବଂ ଶ୍ରମିକମାନଙ୍କୁ ଶ୍ରୀ ଦ୍ୱିବେଦୀଙ୍କ ନିର୍ଦ୍ଦେଶରେ ସୁପରଭାଇଜର ମାନେ ମାଡ ମାରିବାଭଳି ନିନ୍ଦନୀୟ ଘଟଣା ଘଟୁଛି। ସାମାନ୍ୟ ପ୍ରତିବାଦ କଲେ ସେମାନଙ୍କୁ ମିଛ କେସରେ ଫସାଇବା, ଏମସିଏଲ ଅଥରିଟି, ପୁଲିସ ପ୍ରଶାସନ ତଥା ଜିଲ୍ଲାପାଳଙ୍କ ପାଖରେ ସେମାନଙ୍କ ବିରୁଦ୍ଧରେ ମିଛ ଅଭିଯୋଗ କରି ହଇରାଣ କରାଯାଉଛି। ଖଣି ଭିତରେ କୌଣସି ଘର କରିବା, ମଣିଷ ବସବାସ କରିବା, ତେଲଟାଙ୍କି ତିଆରି କରିବା, ପ୍ରାଇଭେଟ୍ ଗାଡି ଖଣି ଭିତରକୁ ଯିବା ନିୟମ ନଥାଇ ମଧ୍ୟ ଅନୈତିକ ଭାବେ ଖଣି ଅଞ୍ଚଳରେ କେସିସିଏଲ୍ ତାର କ୍ୟାମ୍ପ କରି ଏସମସ୍ତ ବେଆଇନ କାର୍ଯ୍ୟ ଚଳାଇଛି। ଖଣି ଅଞ୍ଚଳରେ ସବୁଆଡେ ପାହାଡ ପରି ମାଟି ପକାଇ ରାସ୍ତା ଗୁଡିକ ଅବରୋଧ କରାଯାଇଛି। ଗତ ୧୬ ତାରିଖରେ ତେଲେଙ୍ଗାନା ଅଞ୍ଚଳର ଜଣେ ଡ୍ରାଇଭର ଏଠାରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ। ଉକ୍ତ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଗଲା। ପୁଣି ସ୍ଥାନୀୟ ଯେଉଁ ୪୦୦ରୁ୫୦୦ ଲୋକ କାମ କରୁଛନ୍ତି କମ୍ପାନୀର ଶ୍ରମ ଆଇନ ଅନୁସାରେ ସେମାନଙ୍କ ପେ'ରୋଲ୍ ମେଣ୍ଟେନ ରଖାଯାଉ ନାହିଁ। ସେମାନଙ୍କୁ ମାସକୁ ୨୬ରୁ ୩୦ଦିନ ଖଟେଇ ମାତ୍ର ୧୩-୧୪ଦିନର ଦରମା ଦେଉଛନ୍ତି। ତାଛଡା ନିଯୁକ୍ତି କ୍ଷେତ୍ରରେ ଠିକା କମ୍ପାନୀ କର୍ତ୍ତୃପକ୍ଷ ବ୍ୟାପକ ଲାଞ୍ଚ କାରବାରରେ ଲିପ୍ତ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମସ୍ତ ଅନିୟମିତତା ପ୍ରୋଜେକ୍ଟ ଅଧିକାରୀ କମଲେଶ ଦ୍ୱିବେଦୀଙ୍କ ଯୋଗୁଁ ଘଟୁଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କୁ ଏଠାରୁ ତୁରନ୍ତ ବିଦା କରାଯାଉ ବୋଲି ଓସିଏମଏସ୍ ଏରିଆ ସମ୍ପାଦକ ରବୀନ୍ଦ୍ର ପ୍ରସାଦ, ଏରିଆ ଜେସିସି ଲକ୍ଷ୍ମଣ ଭଞ୍ଜ, ଏଚ୍‌ଏମ୍‌ଏସ୍ ଏରିଆ ସମ୍ପାଦକ ରଞ୍ଜନ ସାହୁ, ଏରିଆ ଜେସିସି ଡିକେ ସିଂହ, ଏଆଇଟିୟୁସି ଏରିଆ ଜେସିସି ଏସ୍‌ଏଲ୍ ଟାର୍ଜନ୍, ଏରିଆ ସମ୍ପାଦକ ସଞ୍ଜୟ ଗିରି ସମ୍ବାଦଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆଜର ସାମ୍ବାଦିକ ସମ୍ମିଳନୀରେ ଶ୍ରମିକ ସଂଗଠନ ଗୁଡିକର ଶୀର୍ଷ ନେତୃତ୍ୱ ବସନ୍ତ (ବୁଲୁ) ପାଣିଗ୍ରାହୀ, ଏ ଡିକୁଟେ, ସାଗର ପ୍ରଧାନ, ଆଲୋକ ସାହୁ, ରମେଶ ସାହୁ, ଅଗସ୍ତି ପଟେଲ, ସନ୍ତୋଷ କନୱର୍, କିଶୋର ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ।



### ଦଳରେ ପୋତି ହୋଇଗଲାଣି ପୋଖରୀ

## ବିଭାଗୀୟ ଉଦାସୀନତାରୁ ପାଣି ପାଇଁ ଲୋକେ ହନ୍ତସନ୍ତ

**ଝାରବନ୍ଧ, ୧୮।୨(ସମିସ):** ଝାରବନ୍ଧ ବ୍ଲକର ଲଉଡିଦରହା ଗାଁର ବିଶାଳ ୩୮ ଏକର ପୋଖରୀ ବୁରୋଝାଞ୍ଜି ଲତାର ଆବରଣରେ ଆଜି ଅଦୃଶ୍ୟ ପ୍ରାୟ। ଯେଉଁ ପୋଖରୀ କେବେ ଗାଁର ଜୀବନଧାରା ଥିଲା, ସେହି ପୋଖରୀ ଏବେ ଅବହେଳାର ମୂକସାକ୍ଷୀ ହୋଇ ରହିଛି। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଏହି ଜଳାଶୟର ପ୍ରାୟ ସମସ୍ତ ଅଂଶ ଦଳରେ ଢାଙ୍କି ହୋଇଛି। ଫଳରେ ସ୍ନାନ କରିବା କିମ୍ବା ପାଣି ଉପଯୋଗ କରିବା ଅସମ୍ଭବ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ପୋଖରୀ ଅଞ୍ଚଳର ଦୈନିକ ଜଳ ଚାହିଦା, ଜଳସେଚନ ଓ ଅନ୍ୟାନ୍ୟ ଘରୋଇ କାମର ମୁଖ୍ୟ ଆଧାର। କିନ୍ତୁ



ବୁରୋଝାଞ୍ଜି ଲତାର ମାଡିଯିବା ଫଳରେ ଜଳଧାରଣ କ୍ଷମତା କମିବା ସହ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୭ ବର୍ଷ ଧରି ଏହି ସମସ୍ୟା ଅବ୍ୟାହତ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏକାଧିକ ଲିଖିତ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ଫଳ ମିଳୁ ନଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗ୍ରୀଷ୍ମ ଋତୁ ନିକଟବର୍ତ୍ତୀ ହେଉଥିବାରୁ ଜଳସଙ୍କଟ ଆହୁରି ଭୀଷଣ ରୂପ ନେବାର ଆଶଙ୍କା ରହିଛି। ଏଣୁ ପୋଖରୀର ତୁରନ୍ତ ସଫେଇ ଓ ପୁନରୁଦ୍ଧାର କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଲିସ ପକ୍ଷରୁ ପୋଷ୍ଟର

**ବରଗଡ଼, ୧୮।୨(ସମିସ):** ପୂର୍ବରୁ ଓଡ଼ିଶାକୁ ମାଓମୁକ୍ତ କରିବାକୁ ଅପରେସନ ଚାଲୁଛି। ଓଡ଼ିଶାର ବିଭିନ୍ନ ମାଓ ଅଧ୍ୟୁଷିତ ଅଞ୍ଚଳରେ ବର୍ତ୍ତମାନ ମାଓବାଦୀ ନଥିବା ବେଳେ ବରଗଡ଼ ଓ ବଲାଙ୍ଗିର ଗନ୍ଧମାର୍ଦ୍ଦନ ପାହାଡରେ କିଛି ସଂଖ୍ୟାରେ ମାଓବାଦୀ ଥିବା ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗନ୍ଧମାର୍ଦ୍ଦନକୁ ମାଓମୁକ୍ତ କରିବାକୁ ପୁଲିସ ପକ୍ଷରୁ ରଣନୀତି ଚାଲିଛି। ଏନେଇ ବରଗଡ଼ ଓ ବଲାଙ୍ଗିର ପୁଲିସ ପକ୍ଷରୁ ଗନ୍ଧମାର୍ଦ୍ଦନ ପାହାଡ ତଥା ଆଖପାଖ ଜଙ୍ଗଲରେ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୋଷ୍ଟର ତଥା ବ୍ୟାନେର ମାଧ୍ୟମରେ ଆହ୍ୱାନ କରାଯାଇଛି।




ପୋଷ୍ଟରରେ ମାଓବାଦୀ ହିଂସାପଥ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ତଥା ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି।

**ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ଆହ୍ୱାନ**

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ଯୋଜନାରେ ଲାଭ ଉଠାଇ ନୂଆ ଜୀବନ ଆରମ୍ଭ କରିବାକୁ ପୋଷ୍ଟର ଓ ବ୍ୟାନର ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଭାଷାରେ ବାର୍ତ୍ତା ଦିଆଯାଇଛି।

## ପଞ୍ଚସଖା ଦିବ୍ୟାଙ୍ଗ ସେବା ସମିତିର ସଭା

**ପାଇକମାଳ, ୧୮।୨(ସମିସ):** ପାଇକମାଳ ବ୍ଲକ ଅଧୀନ ଛେଲିଆମାଳ ଗାଁରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ପଞ୍ଚସଖା ଦିବ୍ୟାଙ୍ଗ ସେବା ସମିତି ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଂଘ ଉଦ୍ୟୋକ୍ତା ଶଙ୍କର୍ଷଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟେମରୀ ପଞ୍ଚାୟତ ସରପଞ୍ଚ ଦିଲ୍ଲୀପ ବେହେରା, ସମ୍ମାନିତ ଅତିଥି ଭାବେ ବାସୁଦେବ ସାହୁ, ବାବା ଯଶୋଲାଲ, ରାଜ ବାଗ, ଅରବିନ୍ଦ ଗିରି, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯୋଧନ ପୁଟା ଓ ମୁଖ୍ୟବକ୍ତା ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପୂର୍ବତନ ଆବାହକ ତଥା ସାମ୍ବାଦିକ ଧିରେନ ମହାନ୍ତି ଯୋଗ ଦେଇଥିଲେ। ସରକାର ଦିବ୍ୟାଙ୍ଗ ମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ପାଇଁ ଦାବି ହୋଇଥିଲା। ଏପରିକି ସମସ୍ତ ପ୍ରକାର ଦିବ୍ୟାଙ୍ଗ ଏକ ପ୍ରକାର ମାସିକ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ ସହ ଅନ୍ତୋଦୟ ଯୋଜନାରେ ୩୫ କେଜି ଚାଉଳ ଯୋଗାଇ ଦେବାକୁ ଦାବି ଉଠିଥିଲା। ଆଗାମୀ ଦିନରେ ପଦ୍ମପୁର ଉପଖଣ୍ଡର ସମସ୍ତ ବ୍ଲକ ଅଞ୍ଚଳରେ ଥିବା ଦିବ୍ୟାଙ୍ଗ ମାନଙ୍କୁ ନେଇ ଏକ ବିରାଟ ସଭା କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ସଭାକୁ ଉମାକାନ୍ତ ବରିହା ପରିଚାଳନା କରିଥିବା ବେଳେ କମାଲ ବରିହା ସମାରୁ ସାହୁ, ଗୌର ସାହୁ, ଶାନ୍ତିଲାଲ, କ୍ଷୀର ସାଗର ପ୍ରଧାନ, ଚିନ୍ତାମଣି ବାଗ ଆଦି ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଛେଲିଆମାଳ ଗାଁର ଏକ ଦିବ୍ୟାଙ୍ଗ ମିନତୀ ବାଗଙ୍କୁ ଏକ ନୂତନ ଇଲୋକ୍ଟ୍ରିକ ସାଇକଲ ଦିଆ ଯାଇଥିଲା। ଶେଷରେ ବଳରାମ ବନଛୋର ଧନ୍ୟବାଦ ଦେଇଥିଲେ।

### ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଓକିଲ ସଂଘର ଉଦ୍‌ବେଗ

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଆଇଜିଙ୍କୁ ଦାବିପତ୍ର

**ବରଗଡ଼, ୧୮।୨(ସମିସ)**

ବରଗଡ଼ର ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଉଦବେଗ ପ୍ରକାଶ କରି ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ବୁଧବାର ଏକ ପ୍ରତିନିଧି ମଣ୍ଡଳୀ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଆଇଜିଙ୍କୁ ଦାବପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଓ ପୁଲିସ୍ ଆଇଜି ହିମାଂଶୁ ଲାଲଙ୍କୁ ତାଙ୍କ ସରକାରୀ ଅଫିସରେ ପୃଥକ୍ ପୃଥକ୍ ଭାବେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହ ବରଗଡ଼ ଜିଲ୍ଲା ତଥା ବିଶେଷ କରି ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଓକିଲ ସଂଘ ବରଗଡ଼ ଜିଲ୍ଲାରେ ଦେଖାଦେଇଥିବା ଉଦବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଉଭୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରାଧ ଏବଂ ଅପରାଧିକ କାର୍ଯ୍ୟକଳାପ ଉଦବେଗଜନକ ସ୍ତରକୁ ବୃଦ୍ଧି ପାଇଥିବା ଏବଂ ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି ବୋଲି ସଂଘ ଗଭୀର ଚିନ୍ତା ପ୍ରକଟ କରିଥିଲା। ନିଶା ଏବଂ ନିଶାଦ୍ରବ୍ୟର ବର୍ଦ୍ଧିତ ବିପଦ, ଏହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୁଲିସ ପ୍ରଶାସନର ଅପାରଗତା ସହିତ ଉଦାସୀନତା ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ଦୃଢ଼



ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରା ନ ଗଲେ, ସାଧାରଣ ନାଗରିକଙ୍କ ପାଇଁ ନିରାପଦ ଏବଂ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସାଧାରଣ ଜନତା ଏବଂ ସଚେତନ ନାଗରିକମାନେ ମଧ୍ୟ ଅପରାଧ ନିୟନ୍ତ୍ରଣରେ ପୁଲିସ ପ୍ରଶାସନର ଦକ୍ଷତା ଉପରେ ଗମ୍ଭୀର ଭାବେ ପ୍ରଶ୍ନ ଉଠାଇଛନ୍ତି। ଯୁବପିଢ଼ିଙ୍କ ଅସାମାଜିକ କାର୍ଯ୍ୟକଳାପରେ, ବିଶେଷକରି ନିଶାଦ୍ରବ୍ୟର ସେବନ ଏବଂ ଚାଲାଣରେ ସମ୍ପୃକ୍ତି ବୃଦ୍ଧି ପାଉଛି। ଏହା ସେମାନଙ୍କ ଜୀବନକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ବୋଲି ସଂଘ ପକ୍ଷରୁ ଆଲୋଚନା ସମୟରେ ଉଲ୍ଲେଖ କରାଯାଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟରଙ୍କୁ ପୂର୍ବରୁ ଏହି ଗମ୍ଭୀର ପରିସ୍ଥିତି ବିଷୟରେ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଜିଲ୍ଲା ଓକିଲ ସଂଘ ବରଗଡ଼ ବିଭିନ୍ନ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲା। ସେଗୁଡିକ ହେଲା ବରଗଡ଼ର ବର୍ତ୍ତମାନର ପୁଲିସ ଅଧୀକ୍ଷକ (ଏସ୍‌ପି)ଙ୍କୁ ବଦଳାଇ ଦକ୍ଷ ପୁଲିସ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ, ଅସାମାଜିକ ତତ୍ତ୍ୱମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, କୌଣସି ଅନୁଗ୍ରହ ବିନା କଠୋର ଏବଂ ନିରପେକ୍ଷ ଭାବେ ଆଇନ ଶୃଙ୍ଖଳା ବଜାୟ କରାଯାଉ। ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ଏବଂ ବିଶ୍ୱାସ ଫେରାଇ ଆଣିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ତୁରନ୍ତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନିଅନ୍ତୁ, ଯାହାଦ୍ୱାରା ବରଗଡ଼ ଜିଲ୍ଲାର ଲୋକମାନେ ଏକ ନିରାପଦ, ଶାନ୍ତିପୂର୍ଣ୍ଣ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହି ପ୍ରତିନିଧି ମଣ୍ଡଳୀରେ ସଭାପତି ଶ୍ରୀ ସରାଫଙ୍କ ସମେତ ଉପ ସଭାପତି ହେମନ୍ତ ପୁରୋହିତ, ସମ୍ପାଦକ ଲଲାଟେନ୍ଦୁ ବେହେରା, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡଙ୍ଗୀ, ବରିଷ୍ଠ ସଦସ୍ୟ ତଥା କାର୍ଯ୍ୟକାରୀ କମିଟି ସଦସ୍ୟ ଶିରିଷ ବଲ୍ଲଭ ମିଶ୍ର, ଅଶୋକ ଯୋଶୀ, ମୋହିତ ମହାପାତ୍ର, ନିପନ ଦାଶ, ବୀରେନ ହାତୀ, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିଲେ।

## ଶିକ୍ଷକ ମିଳନ ପଟେଲଙ୍କ ପରଲୋକ

**ଅମ୍ବାଭୋନା, ୧୮।୨(ସମିସ):** ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଧୀନ ବଡଦର୍ଲୀପାଲି ଗାଁର ଶିକ୍ଷକ ମିଳନ ପଟେଲ (୫୫)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଚିଚୋଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଅନେକ ସ୍କୁଲରେ ଶିକ୍ଷକତା କରିଥିଲେ।



ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସେବା'ର ଜଣେ ପ୍ରତିଷ୍ଠାତା ଭାବେ ଜନସେବା କାର୍ଯ୍ୟ କରି ବେଶ ପରିଚିତ ହୋଇଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଅମ୍ବାଭୋନା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ ଓ ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଡ.ରାଜ ବଘେଲ, ରମେଶ ଚନ୍ଦ୍ର ପଟେଲ, ଶିବ ଦାସ, ଜିତେନ୍ଦ୍ର ନାଏକ, ପରମେଶ୍ୱର ରଥ, ଚୌଧୁରୀ ପାତ୍ର, ସଞ୍ଜିବ ପଧାନ, ପ୍ରତାପ ସାହୁ, ସୁରେଶ ପଟେଲ, ଶ୍ୟାମ ଚରଣ ନାୟକ, ରମେଶ ଭୂଆଁ, ବେଣୁଧର ପଧାନ, ସୁବାଷ ପଟେଲ, ଅରୁଣ ପଟେଲ, ସିଦ୍ଧାର୍ଥ ପଧାନ, ତୁଷାର ପଧାନ, ଗୌରାଙ୍ଗ ସେଠ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଅଭିଭାବକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନ ପହଞ୍ଚି ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ପୁତ୍ର ତାପସ ପଟେଲ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅତାବିରା ଏନ୍‌ଏସି ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ

**ଅତାବିରା, ୧୮।୨(ସମିସ):** ଅତାବିରା ଏନଏସି ପକ୍ଷରୁ ୱାର୍ଡ ନମ୍ବର୍ ୮ ଶାସ୍ତ୍ରୀ ନଗର କଲ୍ୟାଣ ମଣ୍ଡପ ଠାରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବନମାଳୀ ବରିହା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ ବିବରଣୀ ପାଠ କରିବା ସହ ସ୍ୱଚ୍ଛ ଅତାବିରା ବିଷୟରେ ସୂଚନା ଦେଇଥିଲେ। ଏବିଡିଓ ଗିରୀନ୍ଦ୍ର ସାହୁ, ଉପାଧ୍ୟକ୍ଷା ଅନୁସୟା ବିଶ୍ୱାଳ ସମେତ କାଉନସିଲର ପ୍ରମୁଖ ମଞ୍ଚାସୀନ ଥିଲେ। ସିଇଓ ତେଜସ୍ୱିନୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପରିମଳ କର୍ମଚାରୀ ମାନଙ୍କୁ ଗରିମା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ବଡାଖାନା ଉପଲକ୍ଷେ ରନ୍ଧା ଖାଦ୍ୟକୁ ଏନଏସି ଇଓ ଓ କର୍ମଚାରୀ ମାନେ ପରସି ଥିଲେ। ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ଏସଏସଜି ଓ ନିମନ୍ତ୍ରିତ ଅତିଥି ପ୍ରମୁଖ ଉପସ୍ଥିତ ଥିଲେ।

## ଗୌଡ଼ପାଲିରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଭଟଲି, ୧୮।୨(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତ ଅଧୀନ ଗୌଡପାଲି ଗାଁରେ ମହାଶିବରାତ୍ରି ଅବସରରେ ଆୟୋଜିତ ୨୪ ପ୍ରହର ନାମଯଜ୍ଞ ଧୁମ୍‌ଧାମରେ ସମାପନ ହୋଇଯାଇଛି। ପ୍ରତିବର୍ଷ ମହାଶିବରାତ୍ରି ଦିନ ଏହି ନାମଯଜ୍ଞ ଚାରିଦିନ ଧରି ହୋଇଥାଏ। ଏହି ଅବସରରେ ଝାରବନ୍ଧ ଥାନା ଅନ୍ତର୍ଗତ ଗୌଡମାଲ, କୁଲ୍ଲୁପାଲି ଓ ଛତିଶଗଡ଼ର ଶଙ୍କରାରୁ ଆସିଥିବା ୩ଟି ଉଦଣ୍ଡ କୀର୍ତ୍ତନ ପାର୍ଟି ନଗର ପରିକ୍ରମା କରିଥିଲେ। ଗ୍ରାମବାସୀ ମାନଙ୍କ ପକ୍ଷରୁ ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ରେଳ ଧାରଣାରେ ଯୁବକଙ୍କ ମୃତଦେହ

**ବରପାଲି, ୧୮।୨(ସମିସ):** ବରପାଲି-ପୁରୀ ରାସ୍ତା ରେଳବାଇ ମୁଖ୍ୟଗେଟ ନିକଟସ୍ଥ ଧାରଣାରେ ବୁଧବାର ଜଣେ ଯୁବକଙ୍କ ମୃତଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ସକାଳେ ବରଗଡ଼ ପଟରୁ ଆସୁଥିବା ଏକ ମାଲଗାଡ଼ିର ଚାଳକ ସ୍ଥାନୀୟ ଷ୍ଟେସନରେ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପରେ ବିଭାଗୀୟ କର୍ମଚାରୀଙ୍କ ସମେତ ରେଳବାଇ ପୁଲିସ ଓ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଳମ୍ବିତ ରାତ୍ରିରେ କୌଣସି ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରିଛି। ମୃତକ ଜଣକ ରେମତା ଗାଁର ଅରୁଣ ବାଗ ଏବଂ ବିବାହିତ ବୋଲି ଜଣାପଡ଼ିଥିଲା। ଅରୁଣଙ୍କ ଏକ ଦୁଇବର୍ଷର ପୁଅ ରହିଥିବା ବେଳେ ଝାରସୁଗୁଡ଼ାର ଏକ ଘରୋଇ କମ୍ପାନୀରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସେ ନିଜ ଗାଁକୁ ଆସିଥିଲେ। ତେବେ କାହିଁକି ଓ କେଉଁ କାରଣରୁ ଅରୁଣଙ୍କ ସହ ଏପରି ଘଟଣା ଘଟିଲା ବର୍ତ୍ତମାନ ସୁଦ୍ଧା ତାହା ଅସ୍ପଷ୍ଟ ରହିଛି। ରେଳବାଇ ପୁଲିସ ଏକ ଅପମୃତ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବରଗଡ଼, ୧୮।୨(ସମିସ):** ଜିଲ୍ଲା ଅମ୍ବାଭୋନା ଥାନାରେ ୨୦୧୮ ରେ ଏକ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗରେ ବରଗଡ଼ର ଅତିରିକ୍ତ ଜିଲ୍ଲା ଜଜ୍ ତଥା ପକ୍ସୋ କୋର୍ଟ ଡ.କିରଣ ପ୍ରଧାନଙ୍କ ଅଦାଲତରେ ଚାଲିଥିବା ମାମଲାରେ ଶୁଣାଣି କରି କୋର୍ଟ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନଭେମ୍ବର ୧୩ରେ ମୁଣ୍ଡକଟି ଗାଁର ଜଣେ ନାବାଳିକା ଅମ୍ବାଭୋନା ଥାନାରେ ଅଭିଯୋଗ କରିଥିଲେ ଯେ ସମ୍ବଲଧରା ଗାଁର ହୃଷୀକେଶ ପଧାନ ନାମକ ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ୧ ବର୍ଷ ହେବ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଛି। ଅଭିଯୋଗ କ୍ରମେ ଅମ୍ବାଭୋନା ପୁଲିସ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତ ହୃଷୀକେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ସହ ୧୮ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ପ୍ରମାଣକୁ ଭିତ୍ତି କରି ବରଗଡ଼ ପକ୍ସୋ କୋର୍ଟ ଅଭିଯୁକ୍ତ ହୃଷିକେଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମକଦ୍ଦମାକୁ ବରିଷ୍ଠ ଆଇନଜୀବୀ ଶରଦ ପ୍ରଧାନ ଓ ସରୋଜ ଜେନା ପରିଚାଳନା କରିଥିଲେ।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ ପରିଷଦର ବୈଠକ

**ପଦ୍ମପୁର, ୧୮।୨(ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଉପଖଣ୍ଡ ଚିକିତ୍ସାଳୟ ପରିଷଦର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ସ୍ନେହା ଅରୁଗୁଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା ସମସ୍ତ



ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ଉପଖଣ୍ଡ ଚିକିତ୍ସାଳୟ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଚିକିତ୍ସାଳୟର ଉନ୍ନତିକରଣ ତଥା ରୋଗୀ ସେବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସେଥିମଧ୍ୟରେ ସହରାଞ୍ଚଳ ହେଲଥ ସେଣ୍ଟର ନିର୍ମାଣ, ଚିକିତ୍ସାଳୟ ପରିସର ମଧ୍ୟରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତିକରଣ, ଅମ୍ଳଜନ ପାଇପ ଲାଇନର ପୁନଃରୁଦ୍ଧାର ଓ କାର୍ଯ୍ୟକ୍ଷମ, ଡାଏଲିସିସ ୟୁନିଟ ପାଇଁ ୪୦ କେଭି ଡିଜି ସେଟ ଯୋଗାଣ, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାରେ ସୁଧାର, ଆବଶ୍ୟକୀୟ ଯନ୍ତ୍ରପାତିର ମରାମତି ତଥା ରୋଗୀ ସେବା ସମ୍ପର୍କିତ ବିଭିନ୍ନ ଜିନିଷର କ୍ରୟ, ହେଲ୍ପଡେସ୍କରେ ନିୟୋଜିତ କର୍ମଚାରୀଙ୍କ ଚାକିରି ନବୀକରଣ, ମହାପ୍ରୟାଣ ଗାଡି ଯୋଗାଣ ଓ ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ ପାଇଁ ବୃକ୍ଷରୋପଣ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥି ସହିତ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ କୌଣସି ଆର୍ଥିକ ସହାୟତା ଦେବା ପାଇଁ ଇଚ୍ଛୁକ ଥିଲେ ସେମାନେ ତାଙ୍କର ସହଯୋଗରାଶି ରୋଗୀ କଲ୍ୟାଣ ସମିତି ଜମା ଖାତାରେ ସିଧାସଳଖ ଜମା କରି ଆବଶ୍ୟକୀୟ ରସିଦ ନେଇ ପାରିବେ ବୋଲି କୁହାଯାଇଥିଲା। ବୈଠକରେ ଡ.ଯଦୁମଣି ସାହୁ, ଡ.ଗୀତା ପୀୟୂଷ ସିନ୍ଧୁ ମିଶ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ପ୍ରତିନିଧିଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟ ସାମାଜିକକର୍ମୀ ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମନୋରମା ମହାପାତ୍ର, ନବକିଶୋର ବରିହା ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରଖାନା କର୍ମଚାରୀ ଲଳିତ କିଶୋର ନାଥ, ହସ୍ପିଟାଲ ମ୍ୟାନେଜର ଦିବ୍ୟକିଶୋର ମେହେର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋହେଲା କପ୍ କ୍ରିକେଟ ଉଦ୍‌ଘାଟିତ

**ସୋହେଲା, ୧୮।୨(ସମିସ):** ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ମିନି ଷ୍ଟାଡିୟମରେ ଆଜି ସୋହେଲା କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ସୋହେଲା ଆଥଲେଟିକ ଆସୋସିଏସନର କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଥଲେଟିକ ଆସୋସିଏସନ ସଭାପତି ସତ୍ୟ ନାରାୟଣ ଦେବତା, ବରିଷ୍ଠ ପରାମର୍ଶ ଦାତା ବଳବୀର ସିଂ ଠାକୁର ଉପସ୍ଥିତ ଥିଲେ। ମ୍ୟାଚ୍ ପୂର୍ବରୁ ସୋହେଲା ପୂର୍ବତନ କ୍ରିକେଟ ଖେଳାଳି ଇନାୟତ ଖାଁ, ମୁବାରକ ଖାନ, ସତ୍ୟଜିତ ପଧାନ, ଜିତେନ ଭୋଇ, ମହମ୍ମଦ ଫିରୋଜ, ସମୀର ଝଙ୍କାର, ଜୟପ୍ରକାଶ ଅଗ୍ରୱାଲ, ଅଶ୍ୱିନୀ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଆଜିର ପ୍ରଥମ ମ୍ୟାଚ୍‌ରେ ଲରମ୍ଭା ଦଳ ଜମଲା ଦଳକୁ ୨୪ରନରେ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗିର ଦଳ ସିଂଧୋଲ ଦଳକୁ ୫୪ରନରେ ପରାଜିତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆଜିର ମ୍ୟାଚ୍‌କୁ ଓସିଏ ଅମ୍ପାୟାର ଶୁଭମ ପାତ୍ର, ହନୁ ଅଗ୍ରୱାଲ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଲରମ୍ଭା ଦଳର ଲୋକନାଥ ମହାପାତ୍ର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବଲାଙ୍ଗିର ଦଳର ରାଜେଶ ସିଙ୍କାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରା ଯାଇଥିଲା। ସୋହେଲାର ସୁନାମ ଧନ୍ୟ କ୍ରିକେଟ ଖେଳାଳି ଡ.ରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ହେଉଥିବା ପ୍ରତିଯୋଗିତା ଶୁଭାରମ୍ଭ ପୂର୍ବରୁ ଡ.ମହାପାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜିର ମ୍ୟାଚ୍‌ରେ ସନ୍ତୋଷ ମେହେର ସ୍କୋରର ରହିଥିବା ବେଳେ ଚନ୍ଦ୍ରମଣି ଭଞ୍ଜ ଏବଂ ରିଙ୍କୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆସନ୍ତା କାଲି ପ୍ରଥମ ମ୍ୟାଚ୍ ସୋହେଲା ବନାମ କେସିଙ୍ଗା ଏବଂ ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗିର ଏବଂ ଲାଉମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେବ।



**ପ୍ରଥମ ଦିନରେ ଲରମ୍ଭା ଓ ବଲାଙ୍ଗିର ବିଜୟୀ**

## ଏନ୍‌ଏନ୍‌ସିସି କ୍ରିକେଟ କପ୍: ମେଲଛାମୁଣ୍ଡା ଚାମ୍ପିଅନ

**ପାଇକମାଳ, ୧୮।୨(ସମିସ)**

ବରଗଡ଼ ଜିଲ୍ଲା ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡ଼ିଆ ଠାରେ ୫ଦିନ ଧରି ଚାଲିଥିବା ନୃସିଂହନାଥ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଖୁଣ୍ଟପାଲିକୁ ହରାଇ ମେଲଛାମୁଣ୍ଡା ଚାମ୍ପିଅନ ହୋଇଛି। ଫାଇନାଲରେ ମେଲଛାମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ଦୁଇ ୱିକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା। ଅଭି ୧୯ ବଲରେ ୫୭, ଅମନ୍ ୧୮ ବଲରେ ୩୮ କରିଥିବା ବେଳେ ମାନସ ଦୁଇ ୱିକେଟ ହାସଲ କରିଥିଲେ। ୧୪୫ରନ ପିଛା କରି ଖୁଣ୍ଟପାଲି ଦଳ ୯ ୱିକେଟ ହରାଇ ୯୪ରନ କରି ୫୦ରନରେ ପରାଜିତ ହୋଇଥିଲେ। ମେଲଛାମୁଣ୍ଡା ଦଳର ଅଭି ୫୭ରନ କରିବା



ସହ ତିନି ୱିକେଟ ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରୋଜ ସାମଲ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, କୈଳାସ ଦିଶରୀ, ଆୟୁଷ ଅଗ୍ରୱାଲ, କବି ଅଗ୍ରୱାଲ, ପ୍ରିତିଶ ବଡପଣ୍ଡା ଓ ବିଷ୍ଣୁ ଗଡ଼ତିଆ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ମେଲଛାମୁଣ୍ଡା ଦଳର ରାକେଶଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ରବୀନ୍ଦ୍ର ବେହେରା, ଓମ୍ ମହାନ୍ତି, ପପୁ ବେହେରା ଓ ଆଦିତ୍ୟ ସାହୁ ପରିଚାଳନା କରିଥିବା ବେଳେ ଅଟଳ ସରାଫ, ଦିଲୀପ ପ୍ରଧାନ, ଇଶାନ ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ଏବଂ ଚନ୍ଦନ ପ୍ରଧାନ, ବବଲୁ ସାହୁ, ହେମାନନ୍ଦ ରାଜହଂସ ଓ ମହମ୍ମଦ ମୁସ୍ତାକିମ୍ ଧାରାବିବରଣୀ ପ୍ରଦାନ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୮୦୦୦ ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ଶୁଭେନ୍ଦୁ ପଣ୍ଡା, ଶିଶିର ସାହୁ, ଦୀପକ ମିଶ୍ର, ପ୍ରିନ୍ସ ବହିଦାର, ଶୁଭମ ପ୍ରଧାନ, ରାଣା ସାହୁ, ରୋନକ ସାହୁ, ଅମନ ସିଂ, ରବୀନ୍ଦ୍ର ପ୍ରଧାନ, ଏମଡି ଗୁଲାମ୍ ଆରୁଷ ସିଂ ଓ ଲୋକେଶ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମାନସରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ଯାଦବ ସାଂସ୍କୃତିକ ସମାଜର କର୍ମକର୍ତ୍ତା ନିର୍ବାଚନ

**ବରଗଡ଼, ୧୮।୨(ସମିସ):** ଜିଲ୍ଲା ଯାଦବ ସାଂସ୍କୃତିକ ସମାଜର କର୍ମକର୍ତ୍ତା ମନୋନୟନ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲ୍ଲା ସଭାପତି ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ଧନସିଂହ ଭୋଇ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ଷାଣ୍ଡ, ଜିଲ୍ଲା ମହିଳା ସଭାନେତ୍ରୀ



ତଥା ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରପାଲି ଏନଏସି ସଭାପତି ଖାଡିଆ ବରର୍ଷି, ବରଗଡ଼ ବ୍ଲକ ସଭାପତି ରାମ ନାରାୟଣ ଭୋଇ, ଜିଲ୍ଲା ଯୁବ ସଭାପତି ପ୍ରଦୀପ ଥପା, ଗାଇସିଲେଟ ବ୍ଲକ ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ମାର୍ଚ୍ଚ ୨୩ ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ, ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ପାଇଁ ସବକମିଟି ମାନ ଗଠନ କରାଯାଇଥିଲା। ଏହାପରେ ଜିଲ୍ଲା କର୍ମକର୍ତ୍ତା ଉପସଭାପତି ରୂପେ ମନଫୁଲ ଭୋଇ, ଘନଶ୍ୟାମ ପୁଞ୍ଜି, ସନ୍ତୋଷ ଭୋଇ, ସମ୍ପଦ ରାଉତ, ପୂର୍ଣ୍ଣଚନ୍ଦ୍ର ସାଲମା, ପୂର୍ଣ୍ଣାନନ୍ଦ ବଡ଼େଇ ସାଧାରଣ ସମ୍ପାଦକ ରୂପେ ରାମ ନାରାୟଣ ଭୋଇ, ସମ୍ପାଦକ ରୂପେ ନୀଳାମ୍ବର ମଲ୍ଲିକ, ସପ୍ତସିନ୍ଧୁ ବଗର୍ଷି, ଗୋବିନ୍ଦ ଜୁଆଡି, ମୋହନ ବନଛୋର, ମାଲିକ ଭୋଇ, କୋଷାଧ୍ୟକ୍ଷ ରୂପେ ସଞ୍ଜୟ କାଣ୍ଡଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଜିଲ୍ଲା ସଭାପତିଙ୍କ ସମେତ ରାଜ୍ୟ କର୍ମକର୍ତ୍ତା ମାନେ ନୂତନ ଭାବେ ମନୋନୀତ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ବରଗଡ଼ ନଗର ସଭାପତି ଆନନ୍ଦ ବଗର୍ତ୍ତୀ, ଭେଡେନ ସଭାପତି ଚୂଡାମଣି ବାଗ, ଭଟଲି ସମ୍ପାଦକ ରବୀନ୍ଦ୍ର କୋକ, ଅତାବିରା ସମ୍ପାଦକ ମୋହନ କଠାର, ଯଦୁନାଥ ଖରସେଲ, ରାଧେଶ୍ୟାମ ପୋଢ଼, ମନବୋଧ ବନଛୋର, ଚନ୍ଦ୍ରମଣି ଷାଣ୍ଡ, ଝସକେତନ ବଗର୍ତ୍ତୀ, ଭୀମରାଉତ, ଭୀଷ୍ମ ବାଗ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।